

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୪ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 APRIL 2025
Vol.No. 36 ■ No.107 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ବସିଲା ଗୁରୁତ୍ୱପୂର୍ଣ୍ଣ ବୈଠକ

- ସିନ୍ଧୁ ଜଳଚୁକ୍ତି ରଦ୍ଦ, ବନ୍ଦ ହେଲା ଅଟାରୀ ସୀମା
- ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ
- ପରଦା ପଛରେ ଯିଏ ଅଛି ଛଡ଼ାଯିବନି: ପ୍ରତିରକ୍ଷା ମନ୍ତ୍ରୀ
- ଆଜି ବସିବ ସର୍ବଦଳୀୟ ବୈଠକ



ନୂଆଦିଲ୍ଲୀ, ୨୩/୪ : ପହଲଗାମ ଆତଙ୍କୀ ହମ୍ଲା ପରେ ସାଉଦି ଆରବ ଗସ୍ତରୁ ଅଧାରୁ ଫେରି ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହାପରେ ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ବୈଠକ କରିଥିଲେ । ଏହାପରେ ବର୍ତ୍ତମାନ ନରେନ୍ଦ୍ର ମୋଦୀ ଗୃହମନ୍ତ୍ରୀ ଅମିତ ଶାହ ଓ ରାଜନାଥ ସିଂଙ୍କ ସହ ବୈଠକ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏହି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକ ଆରମ୍ଭ ହୋଇଛି । ଏହି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ପ୍ରତିରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ବି ଉପସ୍ଥିତ ଅଛନ୍ତି । ଘଓଇ ପହଲଗାମ ନରସଂହାର ତଦନ୍ତ ଭାର ହାତକୁ ନେଇଛି । ଗତକାଲି ପହଲଗାମ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ନୀରିହ ଜୀବନ ଚାଲି ଯାଇଥିଲା । ସମସ୍ତ ମୃତକ ପର୍ଯ୍ୟଟକ ବୋଲି ଜଣା ପଡ଼ିଛି । ମୃତକଙ୍କ ମଧ୍ୟରେ ଦୁଇଜଣ ବିଦେଶୀ ନାଗରିକ ସାମିଲ ରହିଛନ୍ତି । ଜଣେ ଇସ୍ରାଏଲ ବାସିନ୍ଦା ହୋଇଥିବା ବେଳେ ଅନ୍ୟଜଣେ ଇଟାଲି ବାସିନ୍ଦା ବୋଲି ଜଣା ପଡ଼ିଛି । ଏହାଛଡ଼ା ଏହି ଆତଙ୍କୀ ହମଲାରେ ଦୁଇଜଣ ସ୍ଥାନୀୟ ଲୋକଙ୍କ ବି ପ୍ରାଣହାନୀ ଘଟିଛି । ଏମାନେ ସମସ୍ତେ ପହଲଗାମର ଉପତ୍ୟାକା ଦେଖିବା ସହ ସ୍ମୃତି ସାଉଁଟିବାକୁ ଆସି ଶବ ହୋଇ ଫେରିଛନ୍ତି । ପହଲଗାମ ବର୍ବର କାଣ୍ଡକୁ ନେଇ ଆକ୍ସନ୍ ମୋଡ୍‌ରେ ରହିଛନ୍ତି କେନ୍ଦ୍ର ସରକାର । ଘନଘନ ବୈଠକ ବସିବାରେ ଲାଗିଛି । ଗତକାଲି ଘଟଣା ବାବଦରେ ସୂଚନା ପାଇବା କ୍ଷଣି କାଶ୍ମୀର ଅଭିମୁଖେ ବାହାରି ଆସିଥିଲେ ଅମିତ ଶାହ । ଆଜି ହସ୍ପିଟାଲ ଯାଇ ୧୨ ଜଣ ଆହତଙ୍କୁ ଭେଟିଛନ୍ତି । ଏହାରି ମଧ୍ୟରେ ପ୍ରଥମେ ଆତଙ୍କବାଦୀଙ୍କ ସ୍କେଚ୍ ଜାରି ହୋଇଥିବା ବେଳେ ଏବେ ସେମାନଙ୍କ ଫଟୋ ମଧ୍ୟ ଜାରି କରିଛି ସେନା । ଆକ୍ରମଣ ପଛରେ ପାକିସ୍ତାନୀ ଆତଙ୍କୀଙ୍କ ହାତ ଥିବା ସୂଚନା ରହିଛି । ୬ ଆତଙ୍କୀଙ୍କ ମଧ୍ୟରେ ୪ ପାକିସ୍ତାନୀ ଓ ୨ ସ୍ଥାନୀୟ ଆତଙ୍କୀଙ୍କ ହାତ ଥିବା ସୂଚନା ମିଳିଛି । ତେବେ ଏହି ଆତଙ୍କୀଙ୍କ ମଧ୍ୟରୁ ୪ ଜଣଙ୍କ ଫଟୋ ସାମ୍ନାକୁ ଆସିଛି । ଆତଙ୍କବାଦୀଙ୍କୁ ଡ୍ରୋନ୍ ଓ ହେଲିକପ୍ଟର ସାହାଯ୍ୟରେ ଖୋଜିବାକୁ ଉଦ୍ୟମ ଜାରି ରଖିଛି ସେନାବାହିନୀ । ଆତଙ୍କବାଦୀଙ୍କ ପାଖରେ ଏକେ-୪୭ ବନ୍ଧୁକ ରହିଥିଲା । ପରେ ଆକ୍ରମଣ କରିଥିଲେ ପାକ୍ ଆତଙ୍କୀ । ପହଲଗାମ କାଣ୍ଡରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ଉଠିବାରେ ଲାଗିଛି । ପହଲଗାମ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଅତି କଠୋର ପଦକ୍ଷେପ ଗ୍ରହଣ କରିଛି। ଦୁଇ ଦେଶ ମଧ୍ୟରେ ନେହେରୁ ସରକାରଙ୍କ ସମୟରେ ସ୍ୱାକ୍ଷରିତ ସିନ୍ଧୁଜଳ ଚୁକ୍ତିକୁ ରଦ୍ଦ କରାଯାଇଛି। ଏହା ସହିତ ୱାଘା-ଅଟାରୀ ସୀମାକୁ ବନ୍ଦ କରିଦିଆଯାଇଛି । ବୁଧବାର ସଂଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି (ସିସିଏସ) ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ବୈଠକ ପରେ କେନ୍ଦ୍ର ବୈଦେଶିକ ସଚିବ ବିକ୍ରମ ମିସ୍ରି ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସିସିଏସ ବୈଠକରେ ନିଆଯାଇଥିବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନଙ୍କର ଭିସା ବାତିଲ କରାଯାଇଛି। ସାର୍କ ଅଧୀନରେ ଭିସା ସୁବିଧା ମଧ୍ୟ ଉଚ୍ଛେଦ କରାଯାଇଛି। ଏହା ବ୍ୟତୀତ ସିନ୍ଧୁ ଜଳ ଚୁକ୍ତିନାମା ଅନୁଯାୟୀ ଭାରତ ପାକିସ୍ତାନକୁ ପାଣି ଯୋଗାଣ ବନ୍ଦ କରିଦେଇଛି। ଏହା ସହିତ, ଭାରତ ପାକିସ୍ତାନରୁ ଏହାର କୂଟନୀତିଜ୍ଞଙ୍କୁ ଫେରାଇ ନେଉଛି ଓ ପାକିସ୍ତାନୀ ଉଚ୍ଚାୟୁକ୍ତଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜମ୍ମୁ ଓ କଶ୍ମୀରର ପହଲଗାମ୍‌ରେ ମଙ୍ଗଳବାର ହୋଇଥିବା ଭୟଙ୍କର ଆତଙ୍କବାଦୀ

▶▶ପୃଷ୍ଠା ୭

## ଆରଆଇ, ଅମିନ ପରୀକ୍ଷା ଫଳ: ସବୁ ପରୀକ୍ଷାର୍ଥୀ ପ୍ରିଲିମ୍ ପାସ୍




ଭୁବନେଶ୍ୱର, ୨୩/୪ (ନି.ପ୍ର): ଆରଆଇ, ଅମିନ ପରୀକ୍ଷା ଫଳ ପ୍ରକାଶ ପାଇଛି। ସବୁ ପରୀକ୍ଷାର୍ଥୀ ପ୍ରିଲିମ୍ ପାସ୍ କରିଛନ୍ତି।ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଥିବା ଓଏସଏସଏସସି ସୂଚନା ଦେଇଛି । ଆରଆଇ, ଆଇସିଡିଏସ ସୁପରଭାଇଜର, ଏଆରଆଇ , ଅମିନ ପରୀକ୍ଷାରେ ସମସ୍ତେ ପ୍ରିଲିମ୍ ପାସ୍ କରିଥିବା ଜଣାପଡ଼ିଛି। ଏନେଇ ଓଏସଏସଏସସି ପକ୍ଷରୁ ସୂଚନା ଜାରି ହୋଇଛି। ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ପ୍ରିଲିମ୍ ପରୀକ୍ଷା ହୋଇଥିଲା। ପ୍ରିଲିମନାରୀ ପରୀକ୍ଷା ଦେଇଥିବା ସମସ୍ତ ଆଶାୟୀ ମେନ୍ ପରୀକ୍ଷା ଦେଇପାରିବେ । କେବଳ ପ୍ରିଲିମ୍ ?ରେ କପି କରି ଧରା ପଡିଥିବା ୯ ଜଣ ମେନ୍ ଦେଇପାରିବେନି ବୋଲି ଓଏସଏସଏସସି ପକ୍ଷରୁ କୁହାଯାଇଛି। ହେଲେ କେବେ ମେନ୍ ପରୀକ୍ଷା କରାଯିବ ସେନେଇ ଓଏସଏସଏସସି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ମୁଖ୍ୟ ପରୀକ୍ଷା କେବେ ହେବ ସେ ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି ଓଏସଏସଏସସି ପକ୍ଷରୁ କୁହାଯାଇଛି।

## ଜିଡିଏସ ନିଯୁକ୍ତି ଠକେଇ ମାମଲା: ଓଡ଼ିଶାର ୫ ଜିଲ୍ଲାରେ ସିବିଆଇର ତଲାସୀ ଅଭିଯାନ



ଭୁବନେଶ୍ୱର, ୨୩/୪ (ନି.ପ୍ର): ଗ୍ରାମୀଣ ଡାକ ସେବକ (ଜିଡିଏସ) ନିଯୁକ୍ତି ଠକେଇ-୨୦୨୩ ଘଟଣାର ତଦନ୍ତର ଅଂଶ ସ୍ୱରୂପ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ଓଡ଼ିଶାର ପାଞ୍ଚଟି ଜିଲ୍ଲାର ୧୨ଟି ସ୍ଥାନରେ ବ୍ୟାପକ ତଲାସୀ ଅଭିଯାନ ଚଳାଇଛି। ୯ ମେ' ୨୦୨୩ରେ ସିବିଆଇ ଦ୍ୱାରା ଏହି ମାମଲା ପଞ୍ଜିକୃତ କରାଯାଇଥିଲା। ଅଭିଯୋଗ ହୋଇଥିଲା ଯେ, ୨୦୨୩ ଜିଡିଏସ ନିଯୁକ୍ତି ପ୍ରକ୍ରିୟା ସମୟରେ କିଛି ପ୍ରାର୍ଥୀ ଚାକିରି ପାଇବା ପାଇଁ ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ଦାଖଲ କରିଥିଲେ। ଓଡ଼ିଶାର ଭୁବନେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଏବଂ କେନ୍ଦୁଝର ଜିଲ୍ଲାରେ କରାଯାଇଥିବା ସିବିଆଇ। ତଲାସୀ ଅଭିଯାନରେ ମାମଲାରେ ଜଡିତ ବ୍ୟକ୍ତିବିଶେଷଙ୍କ ଘର, ମଧ୍ୟସ୍ଥି ଏବଂ ଉତ୍ତର ପ୍ରଦେଶ ବୋର୍ଡ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ(ଏନଆଇଓଏସ)ର

▶▶ପୃଷ୍ଠା ୭

## ପ୍ରତିଷ୍ଠା ହେବ ୫ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ: ଆଇନ ମନ୍ତ୍ରୀ



ଭୁବନେଶ୍ୱର, ୨୩/୪ (ନି.ପ୍ର): ରାଜ୍ୟରେ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ ପ୍ରତିଷ୍ଠା ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ସହ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ଦିଗରେ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହିଳା କୋର୍ଟ ପ୍ରତିଷ୍ଠା ହେଲେ ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବା

▶▶ପୃଷ୍ଠା ୭

## ଜଳୁଛି ସାରା ଓଡିଶା: ଆହୁରି ୩ ଦିନ କଲବଲ କରିବ ତାତି



ଭୁବନେଶ୍ୱର, ୨୩/୪ (ନି.ପ୍ର): ସାରା ଓଡ଼ିଶା ଜଳୁଛି। ତାତିର ତାଉରେ ଓଡ଼ିଶାବାସୀ ସିଜୁଛନ୍ତି। ରାଜ୍ୟରେ ଅସମ୍ଭାଳ ତାତିକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଆହୁରି ୩ ଦିନ ଅସହ୍ୟ ଗରମ ଓ ଗୁଳୁଗୁଳି କଲବଲ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨ ଦିନ ଯାଏ ସିଭିୟର ହିଟ୍ ୱେଭ୍‌କୁ ନେଇ ଝାରସୁଗୁଡା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ଦିନର ତାପମାତ୍ରା ୪୬ ଡିଗ୍ରି ପାର କରିବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ତାତିକୁ ନେଇ ୫ ଜିଲ୍ଲା ବୌଦ୍ଧ ବଲାଙ୍ଗୀର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡକୁ ହିଟ୍ ୱେଭ୍ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନୂଆପଡା, ବରଗଡ଼,କଳାହାଣ୍ଡି, ଦେଓଗଡ ଓ ଅନୁଗୁଳ ଏହି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା,ଯାଜପୁର, କଟକ, ଜଗତସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ,ଗଞ୍ଜାମ,କେନ୍ଦୁଝର ,ଢେଙ୍କାନାଳ ଓ ଗଜପତି ଏହି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଉଷ୍ମ ରାତ୍ରି ପାଇଁ ସମ୍ବଲପୁର

▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟରେ ୬ଟି ପ୍ରସ୍ତାବକୁ ମଞ୍ଜୁରି

- ♦ଅଙ୍ଗନୱାଡ଼ି ସୁପରଭାଇଜର ଚାକିରି ପାଇଁ ସ୍ନାତକ ଡିଗ୍ରୀ
- ♦ଅନୁସୂଚିତ ଜନଜାତି ବିଭାଗରେ ୨୪ଟି ନୂଆ ପଦବୀ




ଭୁବନେଶ୍ୱର, ୨୩/୪ (ନି.ପ୍ର): ଏଣିକି ଅଙ୍ଗନବାଡ଼ି ସୁପରଭାଇଜର ଚାକିରି ପାଇଁ ସ୍ନାତକ ଡିଗ୍ରୀ ଜରୁରୀ । ଏଥିପାଇଁ ରାଜ୍ୟ ସରକାର ପ୍ରଚଳିତ ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା ସଂଶୋଧନ ରୁଲସ-୧୯୮୯ ରେ ସଂଶୋଧନ କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଆଜି ଏହି ସଂଶୋଧନ ପ୍ରସ୍ତାବ ସମେତ ୫ଟି ବିଭାଗର ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅବକାରୀ ବିଭାଗର ୨ଟି ପ୍ରସ୍ତାବ ସମେତ ଜଳସମ୍ପଦ, ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମହିଳା ଓ ଶିଶୁବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସମନ୍ୱିତ ରୋଗୀ ପରିବହନ ଓ ସ୍ୱାସ୍ଥ୍ୟ ସହାୟତା ସେବା ଅନ୍ତର୍ଗତ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଯୋଜନା(୧୦୮ ଆମ୍ବୁଲାନ୍ସ ସେବା) ପାଇଁ ୫ବର୍ଷ ମଧ୍ୟରେ ୨୩୯୮ କୋଟି ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି ।

▶▶ପୃଷ୍ଠା ୭

## ରାଜ୍ୟରେ ହେବ ୨୦ ନୂଆ ଏନଏସି

ଭୁବନେଶ୍ୱର, ୨୩/୪ (ନି.ପ୍ର): ରାଜ୍ୟରେ ଗଠନ ହେବ ୨୦ ନୂଆ ଏନଏସି। ନୂଆ ଏନଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦ ଏନଏସି ପାଇଁ ଜିଲ୍ଲାରୁ ବିସ୍ତୃତ ରିପୋର୍ଟ ଆସିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ରିପୋର୍ଟ ମିଳିବା ପରେ ଏହାର ତର୍ଜମା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପଂଚାୟତିରାଜ ବିଭାଗକୁ ପଠାଇଛି। ପଂଚାୟତିରାଜ ବିଭାଗର ତର୍ଜମା ପରେ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବେ।

## ପୁଣି ତେଜିଲା ୱାକଫ ଚର୍ଚ୍ଚା: ସୁଲତାଙ୍କ ମନ୍ତବ୍ୟ ନେଇ ରାଜନୈତିକ ଉଷ୍ଣତା ବୃଦ୍ଧି

ଭୁବନେଶ୍ୱର, ୨୩/୪ (ନି.ପ୍ର): ରାଜ୍ୟରେ ପୁଣି ୱାକଫ ଚର୍ଚ୍ଚା ତେଜିଲା। କିଛି ଦିନ ତଳେ ବିଜେଡିର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେଇଥିବା କହିଥିଲେ। ଯାହା ପରେ ବିବାଦ ଆରମ୍ଭ ହୋଇଥିଲା। ବିଜେଡି ଦୁଇ ଫାଳ ହେବ ବୋଲି ଚର୍ଚ୍ଚା ହୋଇଥିଲା। କିଛି ଦିନ ତଳେ ରାଜ୍ୟସଭା ସାଂସଦ ସୁଲତା ଦେଓ ୱକଫ ବିଲ୍ ସମ୍ପର୍କରେ କାହାକୁ ଭୋଟ୍ ଦେଇଛନ୍ତି କହିବେନି ବୋଲି ମନା କରିଥିଲେ। ଏହାସହିତ ସେ ସସ୍ମିତ ପାତ୍ରଙ୍କ ସପକ୍ଷରେ ବାହାରିଥିଲେ। ଏବେ ସୁଲତା କହିଛନ୍ତି ସେ ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେଇଛନ୍ତି। ସୁଲତା କହିଛନ୍ତି,ମୁଁ ୱାକଫ ସପକ୍ଷରେ ଭୋଟ୍ ଦେଇଛି। ଆମ ନେତା ବିବେକ ଅନୁମୋଦିତ ଭୋଟ୍ ଦେବାକୁ କହିଥିଲେ। ଆମେ ୪ ଜଣ ବୋଧ ହୁଏ ସପକ୍ଷରେ ଭୋଟ୍ ଦେଇଛୁ। ଜଣେ ଅନୁପସ୍ଥିତ ଥିଲେ, ୨ ଜଣ ବୋଧ ହୁଏ ବିପକ୍ଷରେ ଭୋଟ୍ ଦେଇଛନ୍ତି। ସଂସଦରେ ୱାକଫ ବିଲ୍ ପାରିତ ହେବା ପାଇଁ ଭୋଟ୍ ପଡିଥିଲା। ପ୍ରଥମେ ବିଜେଡି ଏହି ବିଲ୍ ବିପକ୍ଷରେ ଭୋଟ୍ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ବିଜେଡି ସାଂସଦ ସସ୍ମିତ ପାତ୍ର ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲରେ କହିଲେ କି, ତାଙ୍କ ନେତା ନବୀନ ପଟ୍ଟନାୟକ ଆମକୁ ନିଜ ବିବେକ ଅନୁସାରେ ଭୋଟ୍ ଦେବାକୁ କହିଛନ୍ତି।

▶▶ପୃଷ୍ଠା ୭





॥ ଶୁଭଉନ୍ମୋଚନ ॥

ଆସନ୍ତା ୨୮ ତାରିଖ ସୋମବାର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଂକଳନ 'ମୁଠାଏ ସ୍ୱପ୍ନ' ଏବଂ 'ସାଗରିକା' ବିଷୁବ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସାହିତ୍ୟିକ ଓ ସାହିତ୍ୟାନୁରାଗୀଙ୍କୁ ଯୋଗଦାନ ପାଇଁ ସାଦର ନିମନ୍ତ୍ରଣ।

ସ୍ଥାନ : ଷ୍ଟେସନ କ୍ଲବ, ବାଲେଶ୍ୱର
ସମୟ : ଦିବା ୧୦ ଘଟିକା

ନିବେଦକ:
ଧ୍ୱନିପ୍ରତିଧ୍ୱନି ଓ ସାଗରିକା ପରିବାର
ଜେଲରୋଡ୍, ବାଲେଶ୍ୱର

# ଦୋସିଙ୍ଗାରେ ଅସ୍ୱାସ୍ଥ୍ୟକର ପରିବେଶରେ ରାଜା ଠିପି ଖୋଲା ମଦଦୋକାନ: ତୁରନ୍ତ ସ୍ଥାନାନ୍ତରିତ କରିବାକୁ ଦାବି

ଭଦ୍ରକ,୨୩/୪(ନି. ପ୍ର): ଏହି ଜିଲାର ଧାମରା ନିକଟସ୍ଥ ଦୋସିଙ୍ଗା ଠାରେ ଏକ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଠିପି ଖୋଲା ମଦ ଦୋକାନ। ଏନେଇ ବାରମ୍ବାର ଅବକାରୀ କମିଶନରଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ବେଧଡକ ଭାବେ ଚାଲିଛି ଏହି ଠିପି ଖୋଲା ମଦ ଦୋକାନ। ପ୍ରାପ୍ତ ଖବର ଅନୁଯାଇ ଦୋସିଙ୍ଗା ବନ୍ଦର ନିକଟରେ ଥିବା ରାଜ ବାର(ଠିପି ଖୋଲା ମଦ ଦୋକାନ) ଟି ସଂପୂର୍ଣ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି। ଏହି ବାରରେ ରେଷ୍ଟୁରାଂଟ ନଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ମଧ୍ୟ ଉପଲବ୍ଧ ହେଉ ନାହିଁ। ଏଭଳି ପରିବେଶରେ ଏହି ଠିପି ଖୋଲା ମଦ ଦୋକାନରେ ଗ୍ରାହକ ମାନଙ୍କ ପାଇଁ ପାଇଖାନାର ସୁବିଧା ମଧ୍ୟ ନାହିଁ। ସବୁଠାରୁ ବଡ କଥା ରାଜ୍ୟ ଅବକାରୀ ଅଧିକାରୀଙ୍କ ନିୟମାନୁଯାଇ ଯେଉଁ ଗ୍ରାହକ ମାନେ ଏହି ମଦ ବାରରୁ ମଦ କିଣି ନେବେ ସେମାନଙ୍କୁ କମ୍ପୁଟରୀକରଣ ବିଲ ଦେବାକୁ ନିୟମ ଥିବା ବେଳେ ସଂପୃକ୍ତ ମାଲିକ ଏହି ନିୟମକୁ ସଂପୂର୍ଣ ପାଶୋରି ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ବାରରେ ୨୪ଘଂଟା କ୍ୟାମେରା ଉପଲବ୍ଧ ହେବାର ନିୟମ ଥିବା ବେଳେ ସଂପୃକ୍ତ ମାଲିକ ମଧ୍ୟ ଏହି ନିୟମକୁ ଫୁ କରି ଦେଉଛନ୍ତି। ଏପରି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗ୍ରାହକ ମାନେ ଏହି ସମସ୍ତ ସୁବିଧା ଉପଲବ୍ଧ କରାଇବାକୁ ଦାବୀ କରୁଥିବା ବେଳେ ସଂପୃକ୍ତ ବାର ର କର୍ମଚାରୀ ଗ୍ରାହକ ମାନଙ୍କୁ ନାଲି ଆଖି ଦେଖାଉ ଥିବା ନେଇ ଅବକାରୀ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହି ସମସ୍ତ ସୁବିଧା ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ନଥିବା କଥା ଚାନ୍ଦବାଲି ଉପଖଣ୍ଡ ଅବକାରୀ ଅଧିକାରୀଙ୍କୁ ପଚାରିବାରେ ସେ ଟାଳଟୁଳ ନୀତି ଅବଲମ୍ବନ କରିବା ସହ ଏ ବିଷୟରେ କିଛି ମତାମତ ରଖିବାକୁ ମନା କରି ଦେଇଥିଲେ। ତୁରନ୍ତ ଏହି ରାଜା ଠିପି ଖୋଲା ମଦ ଦୋକାନ କୁ ଏହି ସ୍ଥାନରୁ ସ୍ଥାନାନ୍ତରିତ କରିବାକୁ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଅବକାରୀ କମିଶନରଙ୍କ ନିକଟରେ ଦାବୀ ରଖିଛି। ଏଠାରେ ଉଲ୍ଲେଖଯୋଗ୍ୟ ଏହି ମଦବାର ଥିବା ସ୍ଥାନ ଗ୍ରାମାଂଚଳ ରାସ୍ତା ପାର୍ଶ୍ୱରେ ହୋଇଥିବା ବେଳେ ଏହି ରାସ୍ତା ଦେଇ ଯାତାୟତ କରିବାକୁ ଗ୍ରାମବାସୀ ତଥା ବିଦ୍ୟାଳୟ ଛାତ୍ରଛାତ୍ରୀ ନିଜ ଜୀବନକୁ ସୁରକ୍ଷିତ ମଣୁ ନାହାନ୍ତି। ତୁରନ୍ତ ଏହା ସ୍ଥାନାନ୍ତରିତ କରାଯିବାର ଆବଶ୍ୟକତା ଅଛି।

# ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ

ଭୁବନ,୨୩/୪(ନି. ପ୍ର): ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ହିଙ୍ଗୁଳା ମନ୍ଦିର ଯାତ୍ରା ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦ ର ସଭାପତି ଦିଲ୍ଲୀପ କୁମାର ଦାସଙ୍କ ଅଧକ୍ଷତା ଓ ନାଟ୍ୟକାର ଗୁରୁ ଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ରୁ ମୋଚନ ମହାନ୍ତି,ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର, ନାଟକ, ଟିଭି ଧାରାବାହିକ ନିର୍ଦ୍ଦେଶକ ମହେଶ ହାଜରା ଏବଂ ମୁଖ୍ୟ ବକ୍ତା ଭାବେ ଓଡ଼ିଆ ସାହିତ୍ୟ ଏବଂ ନାଟକ ଲେଖକ, ଗବେଷକ ଡ଼. ଅରୁଣ କୁମାର ନାୟକ ଯୋଗଦେଇଥିଲେ ।

# ଦ୍ୱିତୀୟ ଜିଲ୍ଲା ସ୍ତରୀୟ ୨୦୨୪-୨୫ ବର୍ଷ ଧାନ ସଂଗ୍ରହଣ(ରବି ଧାନ) କମିଟି ବୈଠକ

ଖୋର୍ଦ୍ଧା,୨୩/୪(ନି. ପ୍ର): ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଳ ରାଣାଙ୍କ ଅଧକ୍ଷତାରେ ୨୦୨୪-୨୫ କେଏମଏସ ବର୍ଷର ଦ୍ୱିତୀୟ ଧାନ ସଂଗ୍ରହଣ (ରବି ଧାନ)କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପଟ୍ଟନାୟକ, ବିଧାୟକ ମାନଙ୍କ ପ୍ରତିନିଧିଙ୍କ ସମେତ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ଏବଂ ବିଭାଗୀୟ ଅଧିକାରୀ ତଥା କମିଟି ସଦସ୍ୟା ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ବିଧାୟକ ଏବଂ ପ୍ରତିନିଧି ତଥା ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରି କହିଲେ ଯେ ଗତ ଖରିଫ ଧାନ ସଂଗ୍ରହଣ ସମୟରେ ସମସ୍ତ କର୍ମଚାରୀ, ମିଲର ମାଲିକ, ଚାଷୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଯେପରି ନିଷ୍ଠାପର ସେବା ପ୍ରଦାନ କରି ସଫଳ କରାଇଲେ। ସେହିପରି ରବି ଋତୁରେ ମଧ ନିଷ୍ଠାପର ସେବା ଯୋଗାଇ ଦେବେ । ସମବାୟ ସମିତି ସଭାପତି, ସମ୍ପାଦକ ମାନେ ତତ୍ପରତା ପ୍ରକାଶରେ ଅବହେଳା କଲେ ସେମାନଙ୍କ ଅଧୀନ ପ୍ୟାକ୍ସ ଗୁଡ଼ିକୁ ବନ୍ଦ କରାଯିବ। ଚାଷୀ ମାନଙ୍କ ହିତ ନିମନ୍ତେ ପ୍ରଶାସନ କାର୍ଯ୍ୟ କରୁଛି । ଯେଉଁ ସମବାୟ ସମିତି ଧାନ ସଂଗ୍ରହଣରେ ଦାୟିତ୍ୱ ନିର୍ବାହରେ ପକ୍ଷ ପାତିତା କରିବେ ସେମାନଙ୍କ ପ୍ୟାକ୍ସ ବନ୍ଦ କରାଯିବ ବୋଲି ବିଧାୟକ ବେଗୁନିଆ ପ୍ରଦୀପ କୁମାର ସାହୁ କହିଲେ । ଜଳସେଚନକୁ ସଠିକ୍ ଭାବେ ସଂଚାଳନ କଲେ ଚାଷୀମାନେ ଭଲ ଉପକୃତ ହୋଇପାରିବେ। ପ୍ୟାକସ ଓ ଚାଷୀ ଧାନର ଗୁଣବତାର ଦସ୍ତଖତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ବୋରୱେଲ ଗୁଡ଼ିକୁ ସଚଳ କରିବା ପାଇଁ ଉଠାଜଳସେଚନ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗମ୍ଭାରୀମୁଣ୍ଡାରେ ନୂତନ ପ୍ୟାକସ ଖୋଲିବାକୁ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ନିୟନ୍ତ୍ରିତ ବଜାର କମିଟି ଗୁଡିକ ମଣ୍ଡିକୁ ଆବଶ୍ୟକ ସରଞ୍ଜାମ ଯୋଗାଇବା, ସଚେତନତା କାର୍ଯ୍ୟକ୍ରମ କରିବା, ଚାଷୀ ଆଶ୍ରୟସ୍ଥଳ, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ତାର୍ପୋଲିନ ଭଳି ଅତ୍ୟାବଶ୍ୟକ ଭିତିଭୂମି ଯୋଗାଇବା ଦିଗରେ ପ୍ରକାଶ କରିଥିଲେ । ମଙ୍ଗୁଳିଆ ପଂଚାୟତ ସଅଁପୁର ଠାରେ ଥିବା ପୋଖରୀକୁ ପୁନରୁଦ୍ଧାର କରି ବର୍ଷାଜଳ ସଂଗ୍ରହ କରିବାକୁ ମାନ୍ୟବର ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ଜିଲ୍ଲାପାଳ ସମସ୍ତ ଜଳ ସେଚନ ବିଭାଗ ଅଧିକାରୀଙ୍କୁ ଏହି କମିଟିରେ ସଭ୍ୟ,ସଭ୍ୟା କରିବାକୁ ସି ଏସ ଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ପ୍ରତିନିଧି ଙ୍କ ରମନା କୁଦ ସମସ୍ୟାର ଧାନ ଉଠାଣ ଉପରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ମିଲର ମାନେ ତାଙ୍କର ଟାର୍ଗେଟ ଅନୁଯାୟୀ ଧାନ ନିଶ୍ଚିତଭାବେ ଉଠାଇବେ । ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ମଇ ୨୮ତାରିଖରେ ଏବଂ ଅନ୍ୟ ସମସ୍ତ ବ୍ଲକ୍ ପାଇଁ ମଇ ୨୧ରେ ଧାନ ସଂଗ୍ରହ କରାଯିବ । ପ୍ରକାଶ ଥାଉକି, ଏଫ୍ ଏ କ୍ୟୁ ଧାନ କ୍ୟୁଂଟାଲ ପିଛା ୨୩୦୦ ଟଙ୍କା ଏବଂ ଗ୍ରେଡ ଏ ଧାନ କ୍ୟୁଂଟାଲ ପିଛା ୨୩୨୦ ଟଙ୍କା ରହିଛି । ଧାନ ଦେବାର ୪୮ ଘଂଟା ମଧରେ ଚାଷୀଙ୍କ ଆକାଉଂଟକୁ ପଇସା ଯିବ କ୍ଷ ୨୦୨୪-୨୫ ଖରିଫ ଋତୁରେ ଜିଲ୍ଲାରେ ୪୯୦୨୫ କୃଷକ ପଞ୍ଜୀକରଣ ହୋଇଥିବା ବେଳେ ୪୮୫୫୪ ଜଣ କୃଷକଙ୍କ ପଞ୍ଜିକରଣ ଯାଂଚ୍ କରାଯାଇଛି । ଜିଲ୍ଲାରେ ୧୩୯ପ୍ୟାକ୍ସ ୧୫ ସବ ସେଂଟରକୁ ନେଇ ୧୫୪ ପ୍ୟାକସ ଅଛି । ସେହିପରି ୧୫ଟି ମିଲ୍ ଅଛି । ଚଳିତ ରବି ଋତୁ ଧାନ ଚାଷରେ ୨୮ ପ୍ୟାକସ ଓ ୨ ସବ ସେଂଟର ଦ୍ୱାରା ଧାନ ସଂଗ୍ରହ ହେବ । ଏଥିପାଇଁ ୩୨୨୭ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି । ମିଲର ମାନେ ଚାଷୀ ମାନଙ୍କୁ ଅଖା ବ୍ୟାଗ୍ ଯୋଗାଇ ଦେବେ।

ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପନିବନ୍ଧକ, ସମବାୟ ସମିତି ଅଳକାନନ୍ଦ ଜେନା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଭାରତୀୟ ଖାଦ୍ୟ ନିଗମ ମଣ୍ଡଳ ପରିଚାଳକ, ଅଧିକ୍ଷଣ ଯନ୍ତ୍ରୀ, ଜଳସେଚନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ପ୍ୟାକସ ସଭାପତି, ସମ୍ପାଦକ ଏବଂ ମିଲର ମାଲିକ ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀରର ୩୯ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୩/୪(ନି. ପ୍ର): ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀରର ୩୯ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଜିର ସମାରୋହରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀ ସଚିବ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀ ସଭାପତି ଜନାବ୍ ଖାଲିଦ ରହିମ୍, ଉପ-ସଭାପତି ଜନାବ୍ ସୟଦ୍ ନଫିସ୍ ମଞ୍ଜର ହସନ୍, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡ଼କ୍ଟର ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅତିଥିମାନେ ଓଡ଼ିଶାରେ ଉର୍ଦ୍ଦୁ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଏକାଡ଼େମୀ ପକ୍ଷରୁ ଉର୍ଦ୍ଦୁ ଭାଷାରେ ଆୟୋଜନ କରାଯାଉଥିବା ବିଭିନ୍ନ ସାହିତ୍ୟ ଆଲୋଚନା ଚକ୍ର, କବି ସମ୍ମିଳନୀ, ମୁଶାଏରା, ପୁସ୍ତକ ଏବଂ ପତ୍ରିକା ପ୍ରକାଶନ, ଓଡ଼ିଆ ସାହିତ୍ୟ କୃତିକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରାଯିବା ଆଦି କାର୍ଯ୍ୟ ସମ୍ବନ୍ଧରେ ଅତିଥିମାନେ ଆଲୋଚନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ +୨, +୩ ଏବଂ ସ୍ନାତକୋତର ପାଠ୍ୟକ୍ରମର ଛାତ୍ରଛାତ୍ରୀ ଯେଉଁମାନେ ମାତୃଭାଷା (ଉର୍ଦ୍ଦୁ ସାହିତ୍ୟ)ରେ ଭଲ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି, ସେମାନଙ୍କୁ ଯଥାକ୍ରମେ ୫ ହଜାର, ୬ ହଜାର ଏବଂ ୮ ହଜାର ଟଙ୍କାର ଛାତ୍ରବୃତି ମଧ ପ୍ରଦାନ କରାଯାଇଥିଲା। ଏଥିସହ ଉର୍ଦ୍ଦୁ, ହିନ୍ଦୀ ଏବଂ ଓଡ଼ିଆ ଭାଷାର କବି ମାନଙ୍କୁ ନେଇ ଏକ ତ୍ରିଭାଷୀ କବି ସମ୍ମିଳନୀର ଆୟୋଜନ ମଧ କରାଯାଇଥିଲା। ଉର୍ଦ୍ଦୁ ଭାଷା, ସାହିତ୍ୟକୁ ଆଦୃତ କରିବା ସହ ଏହାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ନିରନ୍ତର ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶଯୋଗ୍ୟ ଯେ, ୧୯୮୭ ମସିହାରେ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ଅନୁଷ୍ଠାନିକ ଭାବେ ପ୍ରତିଷ୍ଠା ଲାଭ କରିଥିଲା। ଓଡ଼ିଶାରେ ଉର୍ଦ୍ଦୁ ସାହିତ୍ୟର ବିକାଶ, ପ୍ରଚାର ଓ ପ୍ରସାର, ପୁସ୍ତକ ପ୍ରକାଶନ, ଅନୁବାଦ ସାହିତ୍ୟ ପ୍ରକାଶନ, ଆଲୋଚନା ଚକ୍ର ଆଦିର ଆୟୋଜନ କରିବା ସହିତ ଉର୍ଦ୍ଦୁ ସାହିତ୍ୟର ପ୍ରତିଷ୍ଠିତ ସାହିତ୍ୟିକ, କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉର୍ଦ୍ଦୁ ସାହିତ୍ୟରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ଜନସାଧାରଣଙ୍କୁ ଅବଗତ କରାଇବା ଆଦି କାର୍ଯ୍ୟ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ପକ୍ଷରୁ କରାଯାଉଛି।

# ପର୍ଶୁରାମ ଜନ୍ମୋତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୩/୪(ନି. ପ୍ର): ଚଳିତ ବର୍ଷ ଆସନ୍ତା ୩୦ ତାରିଖରେ ସମ୍ବଲପୁର ସହରରେ ହେବାକୁ ଥିବା ପର୍ଶୁରାମ ଜନ୍ମୋତ୍ସବ ମହାସମାରୋହ ପାଳିତ ହେବାକୁ ଯାଉଛି। ଏଥି ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ଜନ୍ମୋତ୍ସବ ମହାସମାରୋହ ଉପଲକ୍ଷେ ବାଇକ ରାଲି, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜନ୍ମୋତ୍ସବ ଦିବସରେ ପୂଜାର୍ଚ୍ଚନା, ଆଳତୀ, ଶୋଭାଯାତ୍ରା ସହ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯିବା ପାଇଁ ଚୁଡାନ୍ତ ନିଷ୍ପତି ନିଆଯାଇଛି। ମଙ୍ଗଳବାର ପର୍ଶୁରାମ ଭବନ ମାରୱାଡ଼ି ପଡ଼ାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତିର ସଭାପତି ବିବେକ ଶର୍ମା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୨୭ରେ ଏକ ବାଇକ ରାଲିର କାର୍ଯ୍ୟକ୍ରମ ରହିଛି। କ୍ଷେତରାଜପୁର ବୈଷ୍ଣୋ ଦ୍ୱେୀ ମନ୍ଦିରରୁ ବାହାରି ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡ଼ା, ଝାଡୁଆ ପଡ଼ା ଦେଇ ପର୍ଶୁରାମ ଭବନରେ ଶେଷ ହେବ। ପ୍ରାୟ ୧ଶହ ବାଇକ ଏହି ରାଲିରେ ସାମିଲ ହେବେ। ରାଲିକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରିବାର ଯୋଜନା ରହିଛି । ଏହାପରେ ପର୍ଶୁରାମ ଭବନ ମାରୱାଡ଼ି ପଡ଼ା ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ । ଗ୍ରୀଷ୍ମ ଋତୁରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଏହା କିଛି ମାତ୍ରାରେ ଅଭାବ ପୂରଣରେ ସହାୟକ ହେବ। ସେହିପରି ଜନ୍ମୋତ୍ସବ ବା ଅକ୍ଷୟ ତୃତୀୟା ଦିନ ପୂଜାର୍ଚ୍ଚନା ସହ ଆଳତି କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ ହଜାର ହଜାର ସଂଖ୍ୟାରେ ଏକ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି । ଏହା ମାରୱାଡ଼ି ପଡ଼ାରୁ ବାହାରି ଝାଡୁଆପଡ଼ା, କୁଞ୍ଜେଲପଡ଼ା, ପଟ୍ଟନାୟକପଡା, ପର୍ଶୁରାମ ଛକ, ମ୍ୟୁନସିପାଲଟି ଛକ, ଦଲେଇ ପଡ଼ା ହୋଇ ପର୍ଶୁରାମ ଭବନରେ ଶେଷ ହେବ । ଏହି ଶୋଭାଯାତ୍ରାରେ ସମ୍ପ୍ରଦା, କୀର୍ତନ ଦଳ ଓ ଭଜନ ଲାଗି ଡିଜେ ବ୍ୟବସ୍ଥା କରାଯାଇଛି ।

# କର୍ମଚାରୀ ନାହାନ୍ତି, ସବରେଜିଷ୍ଟାର ନିୟମିତ ନୁହଁନ୍ତି : ଲୋକଙ୍କ ଲାଗି ଅଭିଶାପ ଓ ହିନସ୍ତାର କାରଣ ହୋଇଛି ରାଉରକେଲା ସବରେଜିଷ୍ଟ୍ରୀ ଅଫିସ

ରାଉରକେଲା,୨୩/୪(ନି. ପ୍ର): ରାଉରକେଲା ସହର ଏହା ଭିତରେ ସ୍ମାର୍ଟ ସିଟି ହୋଇସାରିଛି ହେଲେ ସ୍ମାର୍ଟ ସିଟିର ବିଭିନ୍ନ ଅଫିସରେ ଯାହା ଚାଲିଛି ଯେଉଁଭଳି କାମ ଚାଲିଛି ତାକୁ ତ ଅନ୍ତେ ବହୁତେ ଲୋକେ ଜାଣିଛନ୍ତି ହେଲେ ରାଉରକେଲା ସହର ସମେତ ଆଖପାଖର ବହୁ ଅଁଚଳର ଲୋକେ ଜମି ଘର ଲାଗି ଭରଷା କରୁଥିବା ରାଉରକେଲା ସବରେଜିଷ୍ଟ୍ରୀ ଅଫିସ କେବଳ ଜଣେ କିରାଣୀ, ଏକ ଠିକା ସଂସ୍ଥାର କିଛି କର୍ମଚାରୀ ଓ ଜଣେ ଦାୟିତ୍ୱରେ ଥିବା ସବରେଜିଷ୍ଟାରଙ୍କୁ ନେଇ ଚାଲିଛି। ଏହାଦ୍ୱାରା ପ୍ରତିଦିନ ସକାଳୁ ଲୋକେ ଏଠାକୁ ଆସି ଘଂଟା ଘଂଟା ଅପକ୍ଷା କରି ନୟାନ୍ତ ହେବା ସହ କାମ କରୁଥିବା କର୍ମଚାରୀ କାହାକୁ କିଛି ନକହିବା ନବତେଇବା, ସରକାରୀ ବ୍ୟବସ୍ଥା ଏଠାରେ କଣ ତାହା ଲୋକଙ୍କୁ ନକହି ମୁହଁ ବୁଲାଇ ଚାଲିଜିବା ସଂପ୍ରତି ସାଧାରଣ ଲୋକଙ୍କ ଲାଗି ମୁଣ୍ଡ ବିନ୍ଧାର କାରଣ ହେବା ସହ ଏହା ଏକ ପ୍ରକାର ହିନସ୍ତା ଓ ଅଭିଶାପ ପାଲଟିଛି ସାଧାରଣ ଲୋକଙ୍କ ଲାଗି। ଏଭଳି ସ୍ଥିତି ଯୋଗୁ ଦଲାଲ ମାନଙ୍କ ଲାଗି ଏହି ଅଫିସ ରୋଜଗାର ଲାଗି ଭୂସ୍ୱର୍ଗ ପାଲଟିଛି ଓ ଲୋକେ ପ୍ରତି ମୁହୁର୍ତରେ ଏଠି ଶିକାର ହୋଇଚାଲିଛନ୍ତି। ରାଉରକେଲା ସହରର ଏହି ଅଫିସ ରାଉରକେଲା ପୁରୁଣା କୋର୍ଟ ପରିସରରେ ରହିଛି। ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବରୁ ପୂର୍ବ ସରକାର ସମୟରେ ଏକ ଠିକା ସଂସ୍ଥା ଇ-ରେଜିଷ୍ଟ୍ରେସନ ନାମକ ଅନୁଷ୍ଠାନକୁ ଏହି ଅଫିସ ର ସମସ୍ତ କାମ କରିବାକୁ ଠିକାରେ ଦେଇଛନ୍ତି ।୨୦୧୦ ରୁ ଏହି ସଂସ୍ଥା ଏଠାରେ କାମ କରୁଛି ବୋଲି କୁହାଯାଉଥିବା ବେଳେ, ୨/୩ ଜଣ କିରାଣୀ ଏଠାରେ କାମ କରୁଥିବା ବେଳେ ସବରେଜିଷ୍ଟାରଙ୍କ କିରାଣୀ ଚେୟାର ଖାଲି ପଡିଛି । ଜଣେ ମାତ୍ର ସରକାରୀ କିରାଣୀ ଏଠାରେ କାମ କରୁଥିବା ବେଳେ ଆଡିସିନାଲ ତହସିଲଦାର ଦାୟିତ୍ୱରେ ରହି କାମ କରୁଛନ୍ତି। ପ୍ରଥମ କଥା ଲୋକେ ଏଠାକୁ ଆସି ନିଜ କାମ କରିବାକୁ ହେଲେ ନିଜକୁ ଓକିଲ ପରିଚୟ ଦେଉଥିବା କିଛି ଓକିଲ କିଛି ଦଲାଲଙ୍କୁ ଲୋକଙ୍କୁ ଆଗ ଧରିବାକୁ ପଡୁଛି । ସେହି ଅଫିସରେ ପଶିବା କ୍ଷଣି ବାର ଆସୋସିଏସନ ନାମରେ ୧୦୦ ଟଙ୍କା ଟିକେଟ କାଟିବା ପରେ ଓକିଲ କିମ୍ବା ଏହି ସବୁ କାମ କରୁଥିବା ଦଲାଲ ସେମାନଙ୍କର କାମ ଏହି କର୍ମଚାରୀ ମାନଙ୍କ ସହ କଥା ହୋଇ ହସଖୁସିରେ କାମ ଆଗେଇ ନେଇଥାନ୍ତି । ହେଲେ ଯିଏ ନିଜେ କାମ କରିବାକୁ ଚାହିଁଲା ତାକୁ କେଉଁ ରାସ୍ତାରେ କେମିତି ଜିବାକୁ ହେବ କେହି କିଛି କହିବାକୁ ନାରାଜ । କେବଳ ସରକାରୀ ମୁଖ୍ୟ କିରାଣୀ କିଛିଟା ରାସ୍ତା ବତେଇ ଦେଇଥାନ୍ତି, କିନ୍ତୁ ଅନ୍ୟମାନେ ସମ୍ପୂର୍ଣ ନିରବ । ଠିକା ନେଇଥିବା ଇ-ରେଜିଷ୍ଟ୍ରେସନ ସଂସ୍ଥା ଲୋକେ ମଧ ଏଠି ପୁରା ଚୁପ । ସରକାରଙ୍କର ମେ ଆଇ ହେଲ୍ପ ୟୁ ଭଳି ଡେସ୍କ ମଧ ଏଠାରେ ନାହିଁ । ତେବେ ଜାଗା କିଣିବାକୁ ହେଉ, ବିକିବାକୁ ହେଉ, ରେଜିଷ୍ଟ୍ରେସନ ହେଉ, ବିବାହ ହେଉ ଏହିଭଳି ଅନେକ କାମ ଲାଗି ଏଠି କିଛି ଜାଣିନଥିବା ଲୋକେ ଦଲାଲ ମାନଙ୍କ ଦ୍ୱାରା ଶୀକାର ହେଉଛନ୍ତି । ଯଦି ପଇସା କାରବାର ହୋଇଛି ଆପଣଙ୍କ କାମ ଏଠି ତୁରନ୍ତ ହେବ, ନଚେତ କୁହାଜିବ ୧୦ଟା ବାଜିଲାଣି ଭୁବନେଶ୍ୱରରୁ ସବୁ ବନ୍ଦ ହୋଇଗଲାଣି, ଏଠି ଆଉ କାମ ହୋଇପାରିବ ନାହି। ଯେମିତି କି ପଜିଂକରଣ ଲାଗି ହେଉ କିମ୍ବା ଅନ୍ୟ କାମ ଲାଗି ହେଉ, ଏଠାରେ ଫଟୋ ଉଠାଇବାକୁ ପଡେ, ଯଦି ଆପଣ ଏହି ଦଲାଲ ମାନଙ୍କ ଦ୍ୱାରା ଯାଇଛନ୍ତି ତେବେ ଆପଣଙ୍କର ପଜିଂକରଣ ସାଙ୍ଗକୁ ଫଟୋ ଉଠା ତୁରନ୍ତ ହେବ, ତେଣିକି ଅଧିକାରୀ କାଗଜ ଦେଖନ୍ତୁ ନଦେଖନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । ଠିକ ସେହିଭଳି ଯଦି ହାଉସିଂ ବୋର୍ଡର ଘର ପଜିଂକରଣ ଲାଗି ଯାଇଛନ୍ତି ତେବେ ଭିତିରି କାରବାର ହୋଇଥିଲେ ଠିକାରେ ଥିବା କିରାଣୀ ଆପଣଙ୍କ କାଗଜକୁ ହିୟରିଂ ଲାଗି ଅଧିକାରୀଙ୍କ ପାଖରେ ସିଧା ନେଇ ରଖିବେ, ନଚେତ ଆପଣ ସେମିତି ବୁଲୁଥିବେ । ଏହି ଅଫିସରେ ମାତ୍ର ଦୁଇ ଘଂଟା ରହି ଏତିକି ସୂଚନା ମିଳିଥିବା ବେଳେ ଜଣେ ନିୟମିତ ସବରେଜିଷ୍ଟାର ଏଠି ନଥିବାରୁ ଲୋକେ ଘଂଟା ଘଂଟା ଅପେକ୍ଷା କରି ନୟାନ୍ତ ହେଉଥିବା ଦେଖାଯାଇଛି । ସକାଳୁଆ ଅଫିସ ହୋଇଥିବାରୁ ଲୋକେ ସକାଳ ୭ଟାରୁ ଏଠାକୁ ଗଲେ ବି ଅଧିକାରୀ ଆସୁଛନ୍ତି ୯ଟା ୩୦ରେ। କାରଣ ସେ ଅନ୍ୟ ଅଫିସ ଦାୟିତ୍ୱରେ ରହିଛନ୍ତି ବୋଲି କୁହାଯାଉଛି । ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଦେଉଥିବା ଏହି ଅଫିସରେ ଯଦି ଏହିଭଳି କାରବାର ଚାଲେ ଲୋକଙ୍କୁ ସରକାରୀ ସ୍ତରରେ ସେବା ଦିଆଯାଉଛି ନା ଲୁଟ କରାଯାଉଛି ସେ ପୁଣି ଠିକା ସଂସ୍ଥା ମାଧ୍ୟମରେ ବୋଲି ପ୍ରଶ୍ନ ହେଉଛି।

# ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ



ବାରିପଦା ,୨୩/୪(ନି. ପ୍ର): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ଏପ୍ରିଲ ୧୪ ତାରିଖରୁ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦଯାପିତ ହୋଇ ଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବରେ ଶିକ୍ଷବିତ ସମାଜସେବୀ ମୂର୍ଚ୍ଛନା ଦାସପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସୌରଭ ପଟ୍ଟନାୟକ, ଶଶୀକାନ୍ତ ମିଶ୍ର, ପଣ୍ଡିତ ଭାଗବତ ପଣ୍ଡା, ପ୍ରାଧ୍ୟାପକ ଗୀତିକାର ସୁନୀଲ କୁମାର ଜେନା, ମହୋତ୍ସବ କମିଟିର ଅଧକ୍ଷ ଅରବିନ୍ଦ ଦାସ, ଉପାଧକ୍ଷ ରାଜୀବ ରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୩ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ. ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଯୁବ ପ୍ରତିଭା ପିଣ୍ଟୁ ମାଇତି, ସାହିତ୍ୟିକ ଭାବରେ ପ୍ରଫେସର ବବ୍ରୁବାହାନ ମହାପାତ୍ର, ତୃପ୍ତି ଦାସ, ଡ଼. ଭାଗବତ ଲେଙ୍କା ଏବଂ ବିଜୟ କୁମାର ରାମ, ମେଳାର ପ୍ରତିଷ୍ଠାତା ସଦସ୍ୟ ଭାବରେ ସର୍ବେଶ୍ୱର ଶତପଥି, ସାମ୍ବାଦିକ ଭାବରେ ସନ୍ତୋଷ କୁମାର ବାଛିନି ଏବଂ କର୍ଣ୍ଣାଜୁନ ସାହା, ପୂଜାକର୍ତ୍ତା ଭାବରେ ରାଜୀବ ରଞ୍ଜନ ସେନାପତି ଏବଂ ସାଗରୀକା ସେନାପତି, ମୂର୍ତ୍ତୀ କାରିଗର ଭାବରେ ଶୋଭାକର ବେହେରା, ରୋଷେୟା ଭାବରେ ଦୁଃଖିଆ ଦେହୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ. ଏହି ଅବସରରେ ବିଭିନ୍ନ ବର୍ଗର କଳାକାର ମାନଙ୍କର ନୃତ୍ୟ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ।

# ଜିଲ୍ଲା ପାଇଁ ମେଡିକାଲ କଲେଜ ଘୋଷଣା କର-କ୍ରିୟାନୁଷ୍ଠାନ କମିଟି

କେନ୍ଦ୍ରାପଡ଼ା,୨୩/୪(ନି. ପ୍ର): ମେଡିକାଲ କଲେଜ ପ୍ରତିଷ୍ଠା କେନ୍ଦ୍ରାପଡା ଜିଲ୍ଲା ବାସୀଙ୍କ ପାଇଁ କେବଳ ଦାବି ନୁହେଁ। ଏହା ଜିଲ୍ଲାର ସ୍ୱାଭିମାନ ଓ ସମ୍ମାନର ପ୍ରଶ୍ନ ହେଇ ଯାଇଛି। ରାଜ୍ୟରେ ତିନିଟି ମେଡିକାଲ କଲେଜ ଥିଲାବେଳେ କେନ୍ଦ୍ରାପଡା ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ପୂର୍ବ ସରକାର ଠାରୁ ଏବର ସରକାର ପର୍ଯ୍ୟନ୍ତ ସତରଟି ମେଡିକାଲ କଲେଜ ଘୋଷଣା ହେଲା। କିନ୍ତୁ କେନ୍ଦ୍ରାପଡା ସେଥିରୁ ବାଦ ପଡିଲା। କେନ୍ଦ୍ରାପଡା ଏକ ଆର୍ଥିକ ଅନଗ୍ରସର ଜିଲ୍ଲା। ସରକାର ୨୪ ବର୍ଷ ମଧରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୩ ରୁ ୧୩ରେ ପହଂଚାଇ ଥିଲେ ମଧ କେନ୍ଦ୍ରାପଡ଼ା ଜିଲ୍ଲା ସେଥିରୁ ବାଦ ପଡିଥିଲା। ସରକାର ପରିବର୍ତନ ହେଲା। ଜିଲ୍ଲାବାସୀ ନୂଆ ସରକାରଙ୍କ ଠାରୁ ସୁବିଚାର ଆଶା କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନିକଟରେ ରାଜ୍ୟରେ ଆଉ ଚାରିଗୋଟି ମେଡିକାଲ କଲେଜ ପାଇଁ ଘୋଷଣା କରିଥିଲେ ମଧ ପୁଣି କେନ୍ଦ୍ରାପଡା ଏଥିରୁ ବାଦ ପଡିବା ଜିଲ୍ଲାବାସୀଙ୍କୁ ମର୍ମାହତ୍ କରିଛି। ଡବଲ ଇଞ୍ଜିନ ସରକାରର ମନ୍ତ୍ରୀ/ ବିଧାୟକମାନେ ଅନୌପଚାରିକ ଭାବେ ଭିନ୍ନ ଭିନ୍ନ ସମୟରେ ସରକାରଙ୍କ ଅସ୍ତିବାଚକ ଆଭିମୁଖ୍ୟ ପ୍ରକାଶ କରୁଥିଲେ ମଧ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି। ଏ ସମ୍ପର୍କରେ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ପଷ୍ଟ ଲିଖିତ ଉତର ଆଶା କରିବା ସଙ୍ଗେ ସଙ୍ଗେ ଆସନ୍ତା ମୌସୁମୀ ଅଧିବେଶନ କାଳରେ ବିଧାନସଭାରେ ମେଡିକାଲ କଲେଜ ଘୋଷଣା ଓ ସେଥିଲାଗି ଆନୁଷଙ୍ଗିକ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଦାବି କରି ମଙ୍ଗଳବାର ଦିନ 'କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହାସପାତାଳ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସି ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଅଧାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ରାମଣିରଞ୍ଜନ ରାଉତରାୟ, ଆବହକ ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ସଂଦୀପ୍ତ ଦାସ, ରାଜକୁମାର ବିଶ୍ୱାଳ, ଗୋଲାକଚନ୍ଦ୍ର ମହାଭୋଇ, ଗଙ୍ଗାଧର ପରିଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ସୀମା ବିବାଦର ସମାଧାନ ପାଇଁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୨୩/୪(ନି. ପ୍ର): କୋଟିଆ ଅଂଚଳରେ ଆନ୍ଧ୍ର ସରକାରଙ୍କ ଅନୁପ୍ରବେଶ ଏବେ ସୁଦ୍ଧା ଜାରି ରହିଛି। ସରକାରରେ ଯିଏ ଥାଆନ୍ତୁ ନା କାହିଁକି, ଆନ୍ଧ୍ରର ଲୋଲୁପ ଆଖି ସବୁବେଳେ କୋଟିଆ ଉପରେ ରହିଛି। ଗତକାଲି କୋଟିଆ ଗ୍ରାମପୁଞ୍ଜର ତିନୋଟି ଗ୍ରାମ-ଧୂଳିପଦର, ନେରେଡ଼ି ଭାଲସା ଓ ତାଡ଼ିଭାଲସା ଲୋକମାନେ ଏକାଠି ହୋଇ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ରାଜନ ଦୋରାଙ୍କୁ ଭେଟି ଆନ୍ଧ୍ରରେ ମିଶିବା ପାଇଁ ତାଙ୍କର ସହଯୋଗ କାମନା କରିଛନ୍ତି। ଶ୍ରୀ ଦୋରା ମଧ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହିତ ଏ ସମ୍ପର୍କରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ଉଲ୍ଲେଖଥାଉକି, ୱାଇ.ଏସ୍ ଆରସିପି ସରକାର ଥିବା ସମୟରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦୋରା ବାରମ୍ବାର କୋଟିଆ ଅଂଚଳରେ ଅନୁପ୍ରବେଶ କରୁଥିଲେ ଏବଂ ସେଠାକାର ଲୋକମାନଙ୍କୁ ପରୋକ୍ଷ ଭାବରେ ଉସକାଇ ଆନ୍ଧ୍ର ସପକ୍ଷରେ ନେବା ପାଇଁ ତାଙ୍କର ଉଦ୍ୟମ ଜାରି ରଖିଥିଲେ। ତାଙ୍କ ସରକାର ଯିବା ପରେ ମଧ ବର୍ତମାନ ଆସିଥିବା ତେଲ୍‌ଗୁ ଦେଶମ ସରକାରରେ ଆନ୍ଧ୍ର ଅଧିକାରୀମାନେ ଅନାବଶ୍ୟକ ଭାବରେ କୋଟିଆ ଅଂଚଳରେ ଅନୁପ୍ରବେଶ ଜାରି ରଖିଛନ୍ତି ଯାହାର ଅନ୍ୟତମ ଉଦାହରଣ ଏବେସୁଦ୍ଧା ଛାତ୍ରଛାତ୍ରୀଙ୍କ 'ଅପାର' ଆଇଡି ଖୋଲିବାକୁ ନେଇ ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସବୁ ଛାତ୍ରଛାତ୍ରୀମାନଙ୍କର ଏକ 'ଅପାର' ରେଜିଷ୍ଟ୍ରେସନ କରାଯାଇଛି। ଆନ୍ଧ୍ର ସରକାରଙ୍କ ପକ୍ଷରୁ କୋଟିଆ ଗ୍ରାମ ପୁଞ୍ଜର ୨୦ଟି ସ୍କୁଲ୍‌ର ୧୭୭୪ ଜଣ ଛାତ୍ରଛାତ୍ରୀଙ୍କର 'ଅପାର' ଆଇଡି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମାତ୍ର ୪୯୬ ଜଣ କୋଟିଆ ଅଂଚଳର ଛାତ୍ରଛାତ୍ରୀଙ୍କର 'ଅପାର' ଆଇଡି କରାଯାଇଥିଲା ବେଳେ ଆନ୍ଧ୍ର ସରକାରଙ୍କର ଶିକ୍ଷା ବିଭାଗର କର୍ମଚରୀ ଓ ଅନଙ୍ଗବାଡ଼ିର କର୍ମୀମାନେ ଘର ଘର ବୁଲି ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ଭ୍ରମାତ୍ମକ ତଥ୍ୟ ଦେଇ ଓ ସାହାଯ୍ୟର ପ୍ରତିଶ୍ରୁତି ଦେଇ 'ଅପାର' ଆଇଡି ଖୋଲିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହା କରିବାରେ ସଫଳ ହେଲେ ସୁପ୍ରିମକୋର୍ଟରେ କୋଟିଆକୁ ନେଇ ଚଳିଥିବା କେସ୍‌ର ଶୁଣାଣି ସମୟରେ ଏହି 'ଅପାର' ଆଇଡିକୁ ଏକ ପ୍ରାମାଣିକ ତଥ୍ୟ ଭାବରେ ଉପସ୍ଥାପିତ କରି ଆନ୍ଧ୍ର ସପକ୍ଷରେ ରାୟ ନେବାର ଉଦ୍ୟମ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ।

ଏଣୁ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ତୁରନ୍ତ ଓଡ଼ିଶା ସରକାର ହସ୍ତକ୍ଷେପ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିବା ସହିତ ଆନ୍ଧ୍ରର ଅନୁପ୍ରବେଶକୁ ପ୍ରତିହତ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ଆବାହକ ରବି ବେହେରା ଦାବି କରିଛନ୍ତି। ଏହା ବ୍ୟତୀତ ଦୁଇ ରାଜ୍ୟ ମଧ୍ୟରେ ଗଠିତ ହୋଇଥିବା ମୁଖ୍ୟ ସଚିବସ୍ତରୀୟ କମିଟିର ବୈଠକ ଡାକି କୋଟିଆ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆବଶ୍ୟକ ପଡ଼ିଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ହସ୍ତକ୍ଷେପ ଲୋଡ଼ାଯାଇ କୋଟିଆ ସମେତ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ, ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳ ବିବାଦ ଓ ଓଡ଼ିଶା-ପଶ୍ଚିମ ବଙ୍ଗଳା ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଓଡ଼ିଶା ସରକାର ଉଦ୍ୟମ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ଏହି ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଶ୍ରୀ ବେହେରାଙ୍କ ସମେତ ଅରୁଣ ଜେନା, ନାରାୟଣ ଡାଲୁଆ, ସୁବାସ କୁମାର ତାରଣିଆ, ପ୍ରତାପ ସାହୁ ଓ ଗଣେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

ଧାରାବାହିକ: ଭାଗ-୫୦

# ସଂକ୍ଷିପ୍ତ ଭାଗବତ କଥାମୃତ



## ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୯ଶ ଅଧ୍ୟାୟ

### ॥ ଯଯାତିଙ୍କ ବୈରାଗ୍ୟ ଗୃହତ୍ୟାଗ ॥

ଇନ୍ଦ୍ରିୟ ସୁଖଭୋଗର ଅତୃପ୍ତ ସ୍ତ୍ରୈଣ ରାଜା ଯଯାତି ବିଳମ୍ବରେ ହେଲେ ମଧ ଅନୁଭବ କଲେ ଯେ ତାଙ୍କର କ୍ରମଶଃ ଅଧଃପତନ ଘଟୁଛି, ସମ୍ଭୋଗଲିପସ୍ୱା ପୂର୍ବବତ୍ ବଳବତ୍ତର ଥିଲେ ମଧ ଇନ୍ଦ୍ରିମାନେ କ୍ରମଶଃ ଦୁର୍ବଳ ହେଉଛନ୍ତି । ଏହି ସମ୍ଭୋଗଲିପସ୍ୱାର ଅନ୍ତ ନାହିଁ । ଏହିପରି ଆଉ କିଛି କାଳ ଚାଲିଲେ ତେବେ ହୁଏତଃ ସେ ମୃତ୍ୟୁର ନିକଟ ବର୍ତ୍ତି ହୋଇ ମୃତ୍ୟୁ ମୁଖରେ ପଡିବେ । ସୁତରାଂ ବେଳ ହୁଁ ସାବଧାନ ହେବା ଉଚିତ ଯଯାତି ନିଜର ଦୁଇ ପତ୍ନୀ ଦେବଯାନୀ ଓ ଶର୍ମିଷ୍ଠାଙ୍କ ସହ ତାଙ୍କର ଦୈହିକ ସମ୍ପର୍କକୁ ଗୋଟିଏ ଛାଗଳ ଓ ଦୁଇଟି ଛାଗଳି ସହ ରୂପକ କରି ଗୋଟିଏ କାଳ୍ପନିକ ଗଳ୍ପ କହି ନିଜର ନିର୍ବୋଧ ଆସକ୍ତି ବିଷୟରେ ସୂଚନା ଦେଇ କହିଲେ, ହାୟ ! ସପ୍ତଦେଶର ରାଜା ହୋଇ ମୁଁ ଏପରି ମୁଢ ଓ ଅଜ୍ଞାନ ଯେ ତୁମ ସଙ୍ଗେ ମାୟା ମୋହିତ ହୋଇ ନିଜକୁ ଭୁଲିଗଲି । ସଂସାରରେ ଯେତେ ସ୍ୱର୍ଣ୍ଣ, ସମ୍ପଦ ଓ ରମଣୀଆଦି ଅଛନ୍ତି ସେମାନେ କାମୀ ପରୁଷର କାମ ବାସନାକୁ କଦାପି ପରିତୃପ୍ତ କରିପାରନ୍ତି ନାହିଁ । ବରଂ ଘୃତ ସଂଯୋଗରେ ଅଗ୍ନିପରି କ୍ରମେ ବର୍ଦ୍ଧିତ ହୁଏ । ମାତ୍ର ଯେତେବେଳେ ଆସକ୍ତି ବିହୀନ ସମଦର୍ଶୀ ହୋଇ ଆତ୍ମାକୁ ସର୍ବ ଦେହରେ ଦର୍ଶନ କରେ ସେତେକି ବେଳେ ତାହାର ପ୍ରକୃତ ସୁଖ ଉଦୟ ହୁଏ । ସର୍ବ ପ୍ରକାର ତୃଷ୍ଣା ବା କାମନାର ବର୍ଜନ ଅବଶ୍ୟ କଷ୍ଟ ସାପେକ୍ଷ କାରଣ କାମନା ଚାଳିତ ଇନ୍ଦ୍ରିୟଗଣ ଅତ୍ୟନ୍ତ ଶକ୍ତିଶାଳୀ । ସେମାନେ ଜ୍ଞାନୀ ବ୍ୟକ୍ତିକୁ ମଧ ବେଳେବେଳେ ଆକର୍ଷଣ କରି ତାହା ଦ୍ୱାରା କୁକାର୍ଯ୍ୟ ସାଧନ କରାଇଥାନ୍ତି । ତେଣୁ ପଣ୍ଡିତଙ୍କ ମତ ମାତା, ଭଗିନୀ ଓ କନ୍ୟା ସହ ମଧ ଏକାକୀ ନିର୍ଜନ ସ୍ଥାନରେ ରହିବା ଅନୁଚିତ । ସହସ୍ରବର୍ଷ କାଳ ବିଷୟ ରସରେ ନିମଜ୍ଜିତ ହୋଇ ମୋର ସେହି ବିଷୟରେ ଏପରି ତିକ୍ତ ଅନୁଭୂତି ଜାତ ହୋଇଛି ଯେ, ମୁଁ ଆଉ ସେଥିରେ ଲିପ୍ତ ନ ରହି ସକଳ ବିଷୟ ବାସନା ବର୍ଜନ କରି ସେହି ନିର୍ମଳ, ଶାସ୍ୱତ ଆନନ୍ଦଦାତା ପରମାନନ୍ଦଠାରେ ଚିତ୍ତ ସମର୍ପଣ କରି ମୃଗମାନଙ୍କ ସହ ବନରେ ବିଚରଣ କରିବି । ରାଜା ଯଯାତିଙ୍କ ମନରେ ବୈରାଗ୍ୟ ଜାତ ହେବାରୁ ସେ ନିଜର ପ୍ରିୟ ପୁତ୍ର ପୁରୁଙ୍କୁ ଆଶୀର୍ବାଦ ସହ ଯୌବନ ପ୍ରତ୍ୟାର୍ପଣ କରି ନିଜର ଜରାବସ୍ଥାକୁ ପୁନର୍ବାର ଗ୍ରହଣ କରି ରାଜ୍ୟକୁ ସବୁ ପୁତ୍ରମାନଙ୍କ ମଧରେ ବାଣ୍ଟିଦେଲେ । ପୁରୁଙ୍କୁ ଜଗତର ଶ୍ରେଷ୍ଠ ଆଧିପତ୍ୟ ପ୍ରଦାନ କରି ଶାନ୍ତ ଚିତ୍ତରେ ତପସ୍ୟା ନିମିତ୍ତ ବନ ଗମନ କଲେ ।

### ୨୦ଶ ଅଧ୍ୟାୟ

### ॥ ପୁରୁଙ୍କ ବଂଶ, ଭରତ ଉପାଖ୍ୟାନ ॥

ଶ୍ରୀ ଶୁକଦେବ କହିଲେ ପୁରୁଙ୍କର ବଂଶଧର ଦୁଷ୍ମନ୍ତଙ୍କ ପୁତ୍ର ରୂପେ ପ୍ରଥିତଯଶା ଭରତ ଜନ୍ମ ଗ୍ରହଣ କରିଥିଲେ । ଦିନେ ରାଜା ଦୁଷ୍ମନ୍ତ ସୈନ୍ୟ ସହ ବନ ମଧରେ ପ୍ରବେଶ କରି କନ୍ୱ ମୁନିଙ୍କ ଆଶ୍ରମରେ ଉପସ୍ଥିତ ହୋଇ ସେଠାରେ ବିଶ୍ୱାମିତ୍ରଙ୍କ ଔରସରୁ ଜାତ ମେନେକାଙ୍କ କନ୍ୟା ଲକ୍ଷ୍ମୀ ତୁଲ୍ୟା ଅପୂର୍ବ ରୁପବତୀ ଶକୁନ୍ତଳାକୁ ଦେଖି ତାଙ୍କୁ ଗାନ୍ଧର୍ବ ମତରେ ବିବାହ କଲେ । ଶକୁନ୍ତଳାଙ୍କ ଭରତ ନାମକ ମହାତେଜସ୍ୱୀ ପୁତ୍ର ଜାତ ହେଲା । ଶକୁନ୍ତଳା ପୁତ୍ର ସହ ଦୁଶ୍ମନ୍ତଙ୍କ ଦରବାରରେ ଉପସ୍ଥିତ ହେବାରୁ ଦୁଷ୍ମନ୍ତ ଚିହ୍ନି ନପାରି ପ୍ରଥମେ ପ୍ରତ୍ୟାଖ୍ୟାନ କଲେ ମାତ୍ର ଶୂନ୍ୟବାଣୀ ପରେ ତାଙ୍କୁ ନିଜର ପତ୍ନୀ ଓ ପୁତ୍ର ଜାଣି ଗ୍ରହଣ କଲେ । ପିତାଙ୍କ ଅନ୍ତେ ଭରତ ସମଗ୍ର ପୃଥିବୀର ରାଜା ହେଲେ । ତାଙ୍କର କରତଳରେ ଚକ୍ର ଓ ପଦ୍ମ ଚିହ୍ନ ଥିବାରୁ ସେ ବିଷ୍ଣୁଅଂଶୀ ବୋଲି ଖ୍ୟାତ ଥିଲେ । ସେ ବହୁ ଯଜ୍ଞାନୁଷ୍ଠାନ ଦ୍ୱାରା ଦେବତାମାନଙ୍କୁ ସନ୍ତୁଷ୍ଟ କରିଥିଲେ । ସ୍ୱର୍ଗର ଦେବତାଙ୍କ ଅପେକ୍ଷା ସେ ଅଧିକ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲେ ଏବଂ ପୁଣ୍ୟ ବଳରେ ଭଗବାନ ଶ୍ରୀହରିଙ୍କୁ ଲାଭ କରିଥିଲେ । ସେ ଦିଗବିଜୟ କରି ମ୍ଳେଛ ନୃପତି ଓ ଅସୁରମାନଙ୍କୁ ସଂହାର କରିଥିଲେ । ବଳ ପୂର୍ବକ ହରଣ କରିନେଇଥିବା ଦେବପତ୍ନୀମାନଙ୍କୁ ମୁକ୍ତ କରିଥିଲେ । ଭରତଙ୍କ ତିନି ପତ୍ନୀଙ୍କ ଗର୍ଭରୁ କୌଣସି ସନ୍ତାନ ପିତାଙ୍କ ଅନୁରୂପ ନହେବାରୁ ରାଜା କାଳେ ସେମାନଙ୍କୁ ବ୍ୟଭିଚାରିଣୀ ମନେ କରିବେ ଭୟରେ ପତ୍ନୀମାନେ ପୁତ୍ରମାନଙ୍କୁ ମାରି ପକାଇଲେ । ରାଜା ବଂଶରକ୍ଷା ନିମିତ୍ତ ମରୁତସୋମ ଯଜ୍ଞ କଲେ । ମରୁତମାନେ ପ୍ରୀତ ହୋଇ ରାଜାଙ୍କୁ ଭରଦ୍ୱାଜ ନାମକ ଏକ ପୁତ୍ର ପ୍ରଦାନ କଲେ । ଦେବଗୁରୁ ବୃହସ୍ପତି ଏକଦା ଗର୍ଭବତୀ ଭାତୃଜାୟାକୁ ହରଣ କରିବା ନିମିତ୍ତ ପ୍ରୟାସ କରିବାରୁ ଗର୍ଭସ୍ଥ ଶିଶୁ ତାଙ୍କୁ ବାରଣ କଲା । ଉତ୍ତେଜନା ବଶତଃ ବୃହସ୍ପତିଙ୍କ ରେତ ଭୂମିରେ ପତିତ ହେବାରୁ ତହିଁରୁ ଏକ ପୁତ୍ର ଜାତ ହେଲା । ବୃହସ୍ପତିଙ୍କ ଅନୁରୋଧରେ ତାଙ୍କର ଭାତୃଜାୟା ସେହି ଅବୈଧ ପୁତ୍ରକୁ ଭରଣ ପଶୋଣ କରି ନାମ ଦେଲେ ଭରଦ୍ୱାଜ । ପରେ ସେହି ପରିତ୍ୟକ୍ତ ପୁତ୍ରକୁ ମରୁଦଗଣ ପାଳନ କରିଥିଲେ ଏବଂ ବଂଶ ରକ୍ଷା ନିମିତ୍ତ ରାଜା ଭରତଙ୍କୁ ପ୍ରଦାନ କରିଥିଲେ ।

### ୨୧ଶ ଅଧ୍ୟାୟ

### ॥ ରନ୍ତିଦେବଙ୍କ କଥା ॥

ଭରତଙ୍କ ବଂଶରେ ରାଜର୍ଷି ରନ୍ତିଦେବ ଆବିର୍ଭୂତ ହୋଇଥିଲେ । ତାଙ୍କର ଅତୁଳ ସମ୍ପଦ ଓ ଧନାଗମ ହେଉଥିଲେ ମଧ ସେ ତାହା ନିଜର ବ୍ୟବହାରରେ ନଲଗାଇ ଦାନ କରିଦେଇ ନିର୍ଦ୍ଧନ ଅବସ୍ଥାକୁ ପ୍ରାପ୍ତ ହେଉଥିଲେ । ଅତିଥି ସତ୍କାର ନକରି ସେ କଦାପି ଭୋଜନ କରୁନଥିଲେ । ଥରେ ସେ ଅତିଥି ଚର୍ଚ୍ଚା କରି କରି ଅଠଚାଳିଶ ଦିନ ପର୍ଯ୍ୟନ୍ତ ଅନାହାରରେ ରହିବା ପରେ ଭୋଜନ ସମୟରେ ପୁଣି ବ୍ରାହ୍ମଣ ଅତିଥି ପହଞ୍ଚିବାରୁ ସେ ତାଙ୍କୁ ନିଜର ଖାଦ୍ୟ ଅର୍ପଣ କଲେ । ପରେ ଜଣେ ଶୂଦ୍ର ଅତିଥି ପହଞ୍ଚିବାରୁ ତାଙ୍କୁ ମଧ ରାଜା ଗୃହରେ ଥିବା ଅବଶିଷ୍ଟ ଖାଦ୍ୟ ଦେଇ ଚର୍ଚ୍ଚାକଲେ । ଏହାପରେ ଜଣେ ଶବର ଦଳେ କୁକୁର ନେଇଆସି ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରାର୍ଥନା କରିବାରୁ ରାଜା ସମସ୍ତଙ୍କୁ ଖାଦ୍ୟ ଦେଇ ସନ୍ତୁଷ୍ଟ କରିବାରୁ ଗୃହରେ ଥିବା ସମସ୍ତ ଖାଦ୍ୟ ଶେଷ ହୋଇଗଲା । ରାଜା ବାଧ ହୋଇ ଜଳ ପିଇ ରହିବାକୁ ଜଳପାନ କରିବାକୁ ଉଦ୍ୟତ ହୁଅନ୍ତେ ଜଣେ ତୃଷାର୍ତ୍ତ ଚଣ୍ଡାଳ ଉପସ୍ଥିତ ହୋଇ ଜଳତକ ନିମନ୍ତେ ପ୍ରାର୍ଥନା କରିବାରୁ ସକଳ ଘଟେ ନାରାୟଣ ଦୃଢ ବିଶ୍ୱାସୀ ରାଜା ସେହି ଜଳତକ ତାକୁ ଅର୍ପଣ କରି କହିଲେ ହେ ମହାତ୍ମା, ହେ ଅତିଥି ଦେବତା ଏହି ଜଳତକ ପାନ କରି ପରିତୃପ୍ତ ହୁଅ । ମୁଁ ଅଣିମାଦି ଅଷ୍ଟ ସିଦ୍ଧି ଯୁକ୍ତ ଗତି କାମନା କରୁନାହିଁ ବରଂ ମୋର ଏକାନ୍ତ କାମନା ମୁଁ ପ୍ରାଣୀର ବେଦନା ଅନୁଭବ କରି ତାହା ଯେପରି ସର୍ବଦା ଦୂର କରିପାରୁଥିବି । ବ୍ରହ୍ମା ବିଷ୍ଣୁ ଆଦି ଦେବଗଣ ରାଜାଙ୍କର ପୁଣ୍ୟ ପରୀକ୍ଷା କରିବା ନିମିତ୍ତ ମାୟା ଅତିଥି ରୂପଧରି ଆସିଥିଲେ ଏବେ ସେମାନେ ପରମ ସନ୍ତୋଷ ଲାଭ କରି ସ୍ୱ ସ୍ୱ ରୂପ ଧାରଣ କଲେ । ରାଜା ଭକ୍ତି ଗଦଗଦ ଚିତ୍ତରେ ସେମାନଙ୍କୁ ପ୍ରଣତି ନିବେଦନ କଲେ ମାତ୍ର କୌଣସି ବର ପ୍ରାର୍ଥନା କଲେନାହିଁ କାରଣ ଗୁଣମୟୀ ମାୟା ତାଙ୍କୁ ସ୍ପର୍ଶ କରିପାରିନଥିଲା ।

### ୨୨ଶ ଅଧ୍ୟାୟ

### ॥ ଜରାସନ୍ଧ, କୌରବ ଓ ପାଣ୍ଡବଙ୍କ ଜନ୍ମ ॥

ରନ୍ତିଦେବଙ୍କ ବଂଶଜ ବୃହଦ୍ରଥଙ୍କର ଏକ ଦ୍ୱିଖଣ୍ଡିତ ପୁତ୍ର ଜାତ ହେବା ଫଳରେ ତାଙ୍କ ପତ୍ନୀ ଦୁଃଖ ଓ ଘୃଣାରେ ସେହି ନବଜାତକକୁ ଫିଙ୍ଗି ଦେଇଥିଲେ । ଜରା ନାମ୍ନୀ ଏକ ରାକ୍ଷସୀ ଖାଦ୍ୟ ଅନ୍ୱେଷଣରେ ବାହାରି ସେହି ଶିଶୁକୁ ଦେଖି ଯୋଡିଦେବାରୁ ତାହାର ନାମ ହେଲା ଜରାସନ୍ଧ । ସେ ଜଣେ ବଡବୀର ଥିଲା ମାତ୍ର ସର୍ବଦା ତାର ବଳରାମ ଓ ଶ୍ରୀକୃଷ୍ଣଙ୍କ ସହ ଦ୍ୱେଷ ଲାଗି ରହୁଥିଲା ଅବଶେଷରେ ଭୀମଙ୍କ ଦ୍ୱାରା ମଲ୍ଲ ଯୁଦ୍ଧରେ ପ୍ରାଣ ତ୍ୟାଗକଲା । ଏହି ବଂଶରେ ସମସ୍ତଙ୍କୁ ଶାନ୍ତି ପ୍ରଦାନ କରିପାରୁଥିବା ଶାନ୍ତନୁ ଜନ୍ମ ନେଇଥିଲେ । ସେ ଯେ କୌଣସି ଜରାଜୀର୍ଣ୍ଣ ଲୋକକୁ ଛୁଇଁଦେଲେ ସେ ପୁନର୍ବାର ଯୌବନ ପ୍ରାପ୍ତ ହୋଇ ଯାଉଥିଲେ । ଏକଦା ତାଙ୍କ ରାଜ୍ୟରେ ବାରବର୍ଷ ଅନାବୃଷ୍ଟି ହେବା କାରଣରୁ ସେ ବ୍ରାହ୍ମଣମାନଙ୍କୁ କାରଣ ପଚାରନ୍ତେ ଜାଣିବାକୁ ପାଇଲେ ଯେ ତାଙ୍କର ଜଣେ ବଡଭାଇ ଥିବା ସତ୍ତ୍ୱେ ସେ ରାଜା ହୋଇଥିବାରୁ ଏପରି ହେଉଛି । ସେ ତତ୍‌କ୍ଷଣାତ୍ ଅଗ୍ରଜଙ୍କୁ ଡାକି ସିଂହାସନ ଅର୍ପଣ କଲେ । ଅଗ୍ରଜ କିନ୍ତୁ ସିଂହାସନ ଆରୋହଣ କରି ଦେବ ଓ ବେଦଙ୍କୁ ନିନ୍ଦା କରିବାରୁ ତାଙ୍କର ପତନ ହେଲା ଫଳରେ ସେ ରାଜ୍ୟଭ୍ରଷ୍ଟ ହୋଇ ଯୋଗମାର୍ଗ ଅବଲମ୍ବନ ପୂର୍ବକ କଳାପ ନାମକ ଗ୍ରାମରେ ଅବସ୍ଥାନ କଲେ । ଶାନ୍ତନୁ ଦେବ ଆଶୀର୍ବାଦରେ ପୁନର୍ବାର ରାଜା ହେଲେ । ଏହି ଶାନ୍ତନୁଙ୍କ ଔରସରୁ ଗଙ୍ଗାଦେବୀଙ୍କ ଗର୍ଭରୁ ଭୀଷ୍ମଦେବ ଏବଂ କୈବର୍ତ୍ତ ପାଳିତା ସତ୍ୟବତୀଙ୍କ ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ଜନ୍ମଲାଭ କରିଥିଲେ । ଚିତ୍ରାଙ୍ଗଦ ଗନ୍ଧର୍ବଙ୍କ ସହ ଯୁଦ୍ଧରେ ପ୍ରାଣ ତ୍ୟାଗକଲେ, ବିଚିତ୍ରବୀର୍ଯ୍ୟ କାଶୀରାଜ କନ୍ୟା ଅମ୍ବିକା ଓ ଅମ୍ବାଳିକେଙ୍କୁ ବିବାହ କରି ଅତିରିକ୍ତ ଭୋଗାଶକ୍ତ କାରଣରୁ ଯକ୍ଷ୍ମା ରୋଗାକ୍ରାନ୍ତ ହୋଇ ମୃତ୍ୟୁ ବରଣ କଲେ । ସେ ନିଃସନ୍ତାନ କାରଣରୁ ମାତା ସତ୍ୟବତୀଙ୍କ ନିର୍ଦ୍ଦେଶରେ ନିୟୋଗ ପ୍ରଥା ଅବଲମ୍ବନ କରି ବ୍ୟାସଦେବଙ୍କ ଔରସରୁ ବିଚିତ୍ରବୀର୍ଯ୍ୟଙ୍କ ପତ୍ନୀଠାରୁ ଧୃତରାଷ୍ଟ୍ର, ପାଣ୍ଡୁ ଓ ଦାସୀଠାରୁ ବିଦୁର ଜାତ ହୋଇଥିଲେ । ଧୃତରାଷ୍ଟ୍ରଙ୍କର ପତ୍ନୀ ଗାନ୍ଧାରି ଗର୍ଭରୁ ଦୁର୍ଯୋଧନାଦି ଶତପୁତ୍ର ଓ କନ୍ୟା ଦୁଃଶୀଳା ଜନ୍ମଲାଭ କଲେ । ନିୟୋଗ ଧର୍ମାନୁସାରେ ପାଣ୍ଡୁ ପତ୍ନୀ କୁନ୍ତୀଙ୍କ ଗର୍ଭରେ ଧର୍ମଦେବଙ୍କ ଠାରୁ ଯୁଧିଷ୍ଠିର, ବାୟୁଦେବଙ୍କଠାରୁ ଭୀମ, ଇନ୍ଦ୍ରଙ୍କ ଠାରୁ ଅର୍ଜୁନ ଏବଂ ଅନ୍ୟ ପତ୍ନୀ ମାଦ୍ରୀଙ୍କ ଗର୍ଭରୁ ଅଶ୍ୱିନୀ କୁମାରଙ୍କ ଦ୍ୱାରା ନକୁଳ ଓ ସହଦେବଙ୍କ ଜନ୍ମ ହୁଏ । ସେହିପରି ପାଣ୍ଡବମାନଙ୍କ ଔରସରୁ ଦ୍ରୌପଦୀଙ୍କ ଗର୍ଭରୁ ପାଞ୍ଚପୁତ୍ର ଏବଂ ସୁଭଦ୍ରାଙ୍କଠାରୁ ଅର୍ଜୁନଙ୍କ ଔରସରୁ ଅଭିମନ୍ୟୁ ଜନ୍ମ ହେଲେ । ତୁମେ ମାତା ଗର୍ଭରେ ଥିବା ସମୟରେ ଅଶ୍ୱ ମା ତୁମକୁ ମାରିବାକୁ ଅସ୍ତ୍ର ପ୍ରୟୋଗ କରିଥିଲେ ହେଁ ଭଗବାନ ଶ୍ରୀକୃଷ୍ଣ ତୁମକୁ ରକ୍ଷା କରିଥିଲେ । ତୁମ୍ଭର ଚାରିପୁତ୍ରଙ୍କ ମଧରୁ ଜ୍ୟେଷ୍ଠ ଜନ୍ମେଜୟ ସର୍ପଯଜ୍ଞ ଅନୁଷ୍ଠାନ ଦ୍ୱାରା ସର୍ପକୂଳ ନିର୍ମୁଳ କରି ପ୍ରତିଶୋଧ ନେବ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ଗନ୍ଧ

# ପସନ୍ଦକୁ ପ୍ରେମ କୁହାନଯାଉ



ଶ୍ୱେତା ରାଉତ୍

'ମୁଁ ତାକୁ ଭଲପାଏ, ତା ବିନା ବଞ୍ଚି ପାରିବି ନାହିଁ, ନିଜ ଜୀବନ ହାରିଦେବି ପଛେ ଆଉ କାହାକୁ ବାହା ହେବି ନାହିଁ' ଏଭଳି ଡାଇଲଗ ବହୁତ ଶୁଣିବାକୁ ମିଳେ। ବାସ୍ତବରେ କଣ ଏହାକୁ ପ୍ରେମ କୁହାଯାଏ ? ସମ୍ପୂର୍ଣ୍ଣ ମିଛ। ଯଦି ପ୍ରେମ କରି କେହି ବିବାହ କରୁଥାନ୍ତେ ତେବେ ବିବାହ କିଛି ଦିନ ପରେ ବିଚ୍ଛେଦ ହେଉନଥାନ୍ତା, ଧୋକା, ପରକୀୟା, ହତ୍ୟା ଭଳି ଜଘନ୍ୟ ଅପରାଧ ହେଉନଥାନ୍ତା। ଆମେ କହିପାରିବା ଦୁଇଜଣ ପରସ୍ପରକୁ ପସନ୍ଦ କରି ବାହା ହେଲେ, କହି ପାରିବା ନାହିଁ ପ୍ରେମ କରି ବାହା ହେଲେ। ପସନ୍ଦ ସମୟକ୍ରମେ ନାପସନ୍ଦ ହୋଇପାରେ, ଯାହା ଆଜିକାଲି ଘଟୁଛି। କିନ୍ତୁ ପ୍ରେମ ହେଲେ ସମ୍ପର୍କ କେବେ ତୁଟେ ନାହିଁ କାରଣ ପ୍ରେମରେ ସ୍ୱାର୍ଥ, ଆକାଂକ୍ଷା, ଅଭିଳାଷ, ଈର୍ଷା, ହତାଶ, କାମନା କିଛି ବି ନଥାଏ। ପ୍ରେମ କେବଳ ଏକ ଚିରନ୍ତନ ଶାଶ୍ୱତ ଉପଲବ୍ଧି, ଯେଉଁଥିରେ ପରମେଶ୍ୱରଙ୍କୁ ପ୍ରାପ୍ତ କରିବାର ସାମର୍ଥ୍ୟ ଥାଏ। ଯେଉଁ ସଂସାରୀ ନିଜ ଭିତରେ ଏ ମହାନ ଗୁଣକୁ ଧାରଣ କରେ, ସେ ଈଶ୍ୱରଙ୍କ ଶରଣାଧୀନ ହୋଇଯାଏ।

ଜଣେ ଅନ୍ୟର ସୁନ୍ଦରତା ଦେଖି ଆକର୍ଷିତ ହୋଇପାରେ, ଅନ୍ୟର ବ୍ୟବହାର ଦେଖି ଆନନ୍ଦ ଅନୁଭବ କରିପାରେ, ଜଣଙ୍କର କ୍ଷମତା ଦେଖି ସମ୍ମାନ କରିପାରେ ଅଥବା ପ୍ରଲୋଭିତ ହୋଇପାରେ, ଜଣେ ଅନ୍ୟ ସହିତ ସହଜ ମନେକଲେ, ଆନନ୍ଦ ପାଇଲେ, ଲାଭବାନ ହେଲେ, ଜଣଙ୍କ ସଂସ୍ପର୍ଶରେ ଆସି ନିଜକୁ ଯେତେବେଳେ ଆରାମ ଓ ଆନନ୍ଦ ପ୍ରାପ୍ତ କରେ, ମଣିଷ ତାକୁ ସବୁବେଳେ ନିଜ ପାଖରେ ରଖିବାକୁ ଚାହେଁ ଓ ସେହି ଚାହିଁବାକୁ ପ୍ରେମ ବା ଭଲପାଉଛି ବୋଲି କହିଥାଏ। ଯେତେବେଳେ ନିଜ ପାଇବା କମ୍ ହୋଇଯାଏ, ଆଶା ମଳିନ ହୋଇଯାଏ, ଭଲପାଇବା ବି କମି କମି ଯାଏ। ସେହି ସ୍ଥାନରେ ଆଉ କିଏ ଭଲ ଲାଗେ, ଜଣଙ୍କୁ ଛାଡ଼ି ଅନ୍ୟ ଜଣଙ୍କ ପ୍ରତି ଭାବ ବଢେ। ପ୍ରେମ ସେଠି ସମାଧି ନେଇଯାଏ।

ବାସ୍ତବରେ ଆମେ ବ୍ୟକ୍ତିକୁ ପସନ୍ଦ କରିଥାଉ କେବେ କାହାକୁ ପ୍ରେମ କରିନଥାଉ, ପ୍ରେମ ଏ ସଂସାରରେ ଭ୍ରମ ମାତ୍ର। ମନୁଷ୍ୟ କେବେ ପ୍ରେମର ଅର୍ଥକୁ ବୁଝିବାର ସାମର୍ଥ୍ୟ ରଖିନାହିଁ। ପ୍ରେମ ତ ସୁଦାମାଙ୍କର କୃଷ୍ଣଙ୍କ ପ୍ରତି ଥିଲା, ଭରତଙ୍କର ରାମଙ୍କ ପ୍ରତି ଥିଲା, ରାଧାଙ୍କର ମୋହନଙ୍କ ପ୍ରତି ଥିଲା, ଶ୍ରବଣ କୁମାରଙ୍କ ଅନ୍ଧ ପିତା ମାତାଙ୍କ ପାଇଁ ଥିଲା। ସାବିତ୍ରୀଙ୍କର ସତ୍ୟବାନଙ୍କ ପାଇଁ ଥିଲା, ସେମାନଙ୍କ ପ୍ରେମ ଏତେ ନିରାଡମ୍ବର ଓ ଶାଶ୍ୱତ ଥିଲା ଯେ ଯୁଗ ଯୁଗକୁ ଆମେ ସେ ସ୍ମୃତିକୁ ସାଇତି ରଖି ଅନୁପ୍ରାଣିତ ହେଉଛୁ ଯେଉଁଠି ଆଜିକାଲି ବିବାହର ଚାରି ଦିନ ନ ଯାଉଣୁ ବିଚ୍ଛେଦ ଦେଖିବାକୁ ମିଳୁଛି।

ତେଣୁ ପସନ୍ଦକୁ କେବେ ପ୍ରେମ କୁହାନଯାଉ, ପ୍ରେମ ପରି ଏକ ଦିବ୍ୟ ଐଶ୍ୱରୀୟ ଶବ୍ଦର ଅପମାନ ନହେଉ। ବୃନ୍ଦାବନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ମନ୍ଦିରର ନାମ 'ପ୍ରେମ ମନ୍ଦିର', କାରଣ ଶ୍ରୀକୃଷ୍ଣ ହିଁ ପ୍ରକୃତ ପ୍ରେମର ପରିଭାଷା। ଯେଉଁ ମଣିଷ ପ୍ରଭୁଙ୍କୁ ବୁଝିନାହିଁ, ସେ ପ୍ରେମ କଣ ବୁଝିବ। ରାଧା କଣ, ମୀରା କଣ ବୁଝିବ !

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଫିଙ୍ଗି ଦେଉଛନ୍ତି କି ଅମୃତଭଣ୍ଡା ମଞ୍ଜି: ଜାଣନ୍ତୁ ସ୍ୱାସ୍ଥ୍ୟ ପକ୍ଷେ ଏହାର ଉପକାରିତା

ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଆପଣ ଜାଣନ୍ତି ଅମୃତଭଣ୍ଡା ସ୍ୱାସ୍ଥ୍ୟା ପାଇଁ ଅମୃତ ସମାନ ହେବା ସହିତ ଏହା ମଞ୍ଜି ବି ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରିତା। ଯାହାକୁ ଲୋକମାନେ ସାଧାରଣତଃ ଅଦରକାରୀ ଭାବି ଫିଙ୍ଗି ଦେଇଥାଆନ୍ତି।



ଅମୃତଭଣ୍ଡା ମଞ୍ଜିରେ ଭିଟାମିନ୍, ଜିଙ୍କ୍, ଫସଫରସ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ। ଯାହା ଶରୀରକୁ ଅନେକ ପ୍ରକାରର ରୋଗରୁ ଦୂରେଇ ରଖିଥାଏ।

ବୃକକ: ବୃକକ୍ ସମ୍ବନ୍ଧୀୟ ରୋଗରେ ପୀଡିତ ଲୋକଙ୍କ ପାଇଁ ଅମୃତଭଣ୍ଡା ମଞ୍ଜି ଖାଇବା ଲାଭଦାୟକ ହୋଇଥାଏ। ଏହାର ବିହନରେ ମିଳୁଥିବା ଉପାଦାନଗୁଡ଼ିକ କିଡନିରେ ଥିବା ବିଷାକ୍ତ ପଦାର୍ଥକୁ ସଫା କରିବାରେ ସାହାଯ୍ୟ କରେ।

କୋଷ୍ଠକାଠିନ୍ୟ: ଅମୃତଭଣ୍ଡା ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ, ସେହିପରି ଏହାର ମଞ୍ଜି ଖାଇବା ମଧ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବାରେ ଲାଭଦାୟକ। ଏହାର ବିହନରେ ମିଳୁଥିବା ପ୍ରୋଟିଓଲାଇଟିକ୍ ଏଞ୍ଜାଇମ୍ ଅନ୍ତନଳୀରେ ଥିବା ଖରାପ ଜୀବାଣୁକୁ ଦୂର କରି ପେଟକୁ ସଫା କରି କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ।

ମଧୁମେହ: ଅମୃତଭଣ୍ଡା ମଞ୍ଜି ଖାଇବା ଦ୍ୱାରା ମଧୁମେହ ଭଳି ସମସ୍ୟାରୁ ମଧ ମୁକ୍ତି ମିଳିଥାଏ। ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଫ୍ଲାଭୋନଏଡ୍ସ ଥାଏ, ଯାହା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ।

# ତରଭୂଜ ଖାଇ ମଞ୍ଜି ଫିଙ୍ଗି ଦେଉଛନ୍ତି କି ? ଜମା ଫିଙ୍ଗନ୍ତୁନି, ଜାଣନ୍ତୁ ଦେହ ପାଇଁ କେତେ ଲାଭଦାୟକ ତରଭୂଜ ମଞ୍ଜି



ଖରାଦିନେ ସମସ୍ତେ ତରଭୂଜ ଖାଇବାକୁ ଭାରି ଭଲପାଆନ୍ତି । ତରଭୂଜ ବି ବଜାରରେ ଏହି ଖରା ଦିନେ ବେଶି ବିକ୍ରି ହୁଏ । ତାସହ ରାସ୍ତା କଡରେ ପସରା ମେଲାଇ ବ୍ୟବସାୟୀମାନେ ବିକ୍ରି କରୁଥାନ୍ତି ଯାହା ଫଳରେ ପଥଚାରୀମାନେ ଯଦି ଖରାରୁ ମୁକ୍ତି ପାଇବା ପାଇଁ ଖାଇବାକୁ ଇଚ୍ଛା କରିବେ ତାହାଲେ ସାଙ୍ଗେସାଙ୍ଗେ ଖାଇ ପାରିବେ । ଘରେ ଘରେ ତ ଗରମ ଦିନେ ଫ୍ରିଜରେ ତରଭୂଜ ଥାଏ । କେହି କେହି ଫ୍ରିଜରେ ଥିବା ତରଭୂଜ ଖାଇବାକୁ ଭାରି ଭଲପାଆନ୍ତି । ମୁଁ, ଆପଣ ଆମେ ସମସ୍ତେ ତରଭୂଜ ସିନା ଖାଉ ହେଲେ ତାର ମଞ୍ଜିକୁ ଫୋପାଡି ଦେଉ । ତରଭୂଜକୁ ଯେତିକି ଖୁସିରେ ଖାଉ ମଞ୍ଜି ପାଟିରେ ଟିକେ ରହିଗଲେ ବିରକ୍ତି ହୋଇ ତାକୁ ଥୁ... କରି ଫିଙ୍ଗିଦେଉ ।

ହେଲେ ଆପଣ ଜାଣନ୍ତି କି ଦେହ ପାଇଁ ଭାରି ଭଲ ତରଭୂଜ ମଞ୍ଜି । ତରଭୂଜ ମଞ୍ଜି ଶରୀର ପାଇଁ କେତେ ଲାଭ ଦାୟକ ତାହା ଆପଣ ଜାଣିଲା ପରେ ଆଉ ବୋଧେ ଫିଙ୍ଗିବେ ନାହିଁ । ତେଣୁ ଆସନ୍ତୁ ଜାଣିବା ତରଭୂଜ ମଞ୍ଜିର ଉପକାରିତା ବାବଦରେ...

ତରଭୂଜ ମଞ୍ଜି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟ ହୁଏ । ଏହା ହୃଦୟକୁ ସୁସ୍ଥ ରଖେ । ତରଭୂଜ ମଞ୍ଜିରେ ଜିଙ୍କର ପରିମାଣ ଅଧିକ ମାତ୍ରାରେ ରହିଥିବାରୁ ଏହା ଶରୀରର ରୋଗ ପ୍ରତିରୋଧ କୋଷକୁ ସକ୍ରିୟ ରଖେ । ତରଭୂଜ ମଞ୍ଜିର ରକ୍ତରେ ସୁଗାରର ସ୍ତରକୁ ନିୟନ୍ତ୍ରଣରେ ରଖେ ତେଣୁ ମଧୁମେହ ରୋଗୀମାନଙ୍କ ପାଇଁ ତରଭୂଜ ମଞ୍ଜି ବେଶ ଲାଭଦାୟକ । ତରଭୂଜ ମଞ୍ଜିରେ ପ୍ରଚୁର ପରିମାଣରେ ପ୍ରୋଟିନ, ଆଇରନ, ଜିଙ୍କ ଏବଂ କପର ରହିଥାଏ । ତରଭୂଜ ମଞ୍ଜି କେଶ ବୃଦ୍ଧି କରିବାରେ ମଧ ବଡ ଭୂମିକା ନିଭାଇଥାଏ। ତରଭୂଜ ମଞ୍ଜିରେ ପ୍ରଚୁର ପରିମାଣରେ ଭିଟାମିନ୍ ବି ଭରିରହିଥାଏ । ଯାହା ଆମ ମସ୍ତିଷ୍କ ସଂଚାଳନ ଏବଂ ଶିରାପ୍ରଶିରା ସଂଚାଳନରେ ଫାଇଦା ଦିଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନ୍ୟାୟର ନିକିତି...

ଭାରତରେ ଆଇନ ଆଖିରେ ସମସ୍ତେ ସମାନ- କଥା କଥାକେ ଏୟା କୁହନ୍ତି ସମସ୍ତେ। ପୁଣି ଯାହା ସାଧାରଣତଃ ଦେଖା ଯାଇଥାଏ, ତାହା ହେଉଛି ଅଘୋଷିତ ଭାବରେ ଭାରତରେ ଦୁଇ ପ୍ରକାରର ଆଇନ ଚାଲିବା– ଗୋଟିଏ ଗରିବମାନଙ୍କ ପାଇଁ, ଆରଟି ଧନୀମାନଙ୍କ ପାଇଁ । କଥା ହେଉଛି, ଯେଉଁମାନେ ନ୍ୟାୟ ପ୍ରଦାନ କରନ୍ତି, ସେମାନେ କେମିତି ଗୋଟିଏ ମାମଲାକୁ ବିଚାର କରୁଛନ୍ତି, ତା' ଉପରେ ନିର୍ଭର କରିଥାଏ କୌଣସି ବ୍ୟକ୍ତିଙ୍କ ନ୍ୟାୟ ପାଇବା । ଆଇନର ଶାସନକୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରୁଥିବା ଏକ ସମାଜରେ ନ୍ୟାୟ ପ୍ରଦାନ ଏକ ଆଧାରଶିଳା ହୋଇଥାଏ । କିନ୍ତୁ ନ୍ୟାୟ ପ୍ରଦାନ କେବଳ ବଡ଼ ବଡ଼ କଥା କହି ହାସଲ କରାଯାଇ ପାରିବ ନାହିଁ; ଏହା ନ୍ୟାୟ ପ୍ରଦାନ କରୁଥିବା ଅନୁଷ୍ଠାନମାନଙ୍କର ଦୃଢ଼ତା ଉପରେ ନିର୍ଭର କରିଥାଏ । ଗତ ସପ୍ତାହରେ ପ୍ରକାଶ ପାଇଛି ଭାରତ ନ୍ୟାୟ ରିପୋର୍ଟ (ଆଇଜେଆର) ୨୦୨୫, ଯାହା ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ପୁଙ୍ଖାନୁପୁଙ୍ଖ ଆକଳନ କରିଛି । ଛଅ ଗୋଟି ଅଣ-ସରକାରୀ ସଂଗଠନ ଏବଂ ଚିନ୍ତନ ଶିବିରମାନଙ୍କ ହାର ଏକ ମିଳିତ ଉଦ୍ୟମ ବଳରେ ପ୍ରସ୍ତୁତ ହୋଇଥିବା ଏହି ରିପୋର୍ଟ ଦେଶର ରାଜ୍ୟମାନଙ୍କର ନ୍ୟାୟ ପ୍ରଦାନ କ୍ଷେତ୍ରରେ ପାରଙ୍ଗମତା ଉପରେ ଏକ ତାଲିକା ପ୍ରସ୍ତୁତ କରିଛି। ପୁଲିସ, ନ୍ୟାୟପାଳିକା, କାରାଗାର ଏବଂ ରାଜ୍ୟ ମାନବ ଅଧିକାର କମିଶନ ଭଳି ନ୍ୟାୟ ପ୍ରଦାନ ସହିତ ସମ୍ପୃକ୍ତ ଚାରି ଗୋଟି ପ୍ରମୁଖ ସ୍ତମ୍ଭର ଗତ ତିନି ବର୍ଷ (୨୦୨୨-୨୦୨୫)ର ସାଂଗଠନିକ ଏବଂ ଆର୍ଥିକ ସାମର୍ଥ୍ୟ ଉପରେ ଉପଲବ୍ଧ ତଥ୍ୟଗୁଡ଼ିକର ବିଶ୍ଳେଷଣ କରାଯାଇ ଏହି ରିପୋର୍ଟରେ ସେହି ସବୁ ରାଜ୍ୟମାନଙ୍କର ନ୍ୟାୟ ପ୍ରଦାନର ସମର୍ଥ୍ୟ ଆଧାରରେ ତାଲିକାରେ ସେମାନଙ୍କୁ ସ୍ଥାନିତ କରାଯାଇଛି । ନ୍ୟାୟପାଳିକାରେ ବିଚାର ଅପେକ୍ଷାରେ ପଡ଼ି ରହିଥିବା ମାମଲାଗୁଡ଼ିକର ସଂଖ୍ୟାରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି, ୧୯ଟି ରାଜ୍ୟ ଆଇନଗତ ସହାୟତା ବଜେଟ୍‌ରେ ହ୍ରାସକୁ ପରିଲକ୍ଷିତ କରିଛନ୍ତି, ଏବଂ ପର୍ଯ୍ୟାପ୍ତ ସଂଖ୍ୟକ ବିଚାରାଧୀନ କଏଦୀ କାରାଗାରଗୁଡ଼ିକରେ ଜନସଂଖ୍ୟା ବୃଦ୍ଧି କରି ଚାଲିଛନ୍ତି । ଦେଶର ଦକ୍ଷିଣ ଭାଗରେ ଥିବା ରାଜ୍ୟମାନେ ତାଲିକାର ଶୀର୍ଷରେ ରହିଛନ୍ତି । କର୍ଣାଟକ ହେଉଛି ଏକମାତ୍ର ଦାକ୍ଷିଣାତ୍ୟ ରାଜ୍ୟ, ଯାହା ପୁଲିସ ଏବଂ ନ୍ୟାୟପାଳିକା କ୍ଷେତ୍ରରେ ଜାତିଗତ ବିବିଧତାର ପ୍ରତିନିଧିତ୍ୱ ଜନିତ ଲକ୍ଷ୍ୟ ହାସଲ କରିବା ସଙ୍ଗେ ସଙ୍ଗେ ସାମଗ୍ରୀକ ପ୍ରଦର୍ଶନରେ ଉତ୍ତମ ପ୍ରଦର୍ଶନ କରି ତାଲିକାର ସର୍ବୋଚ୍ଚ ସ୍ଥାନରେ ରହିଛି। ଏହା ପଛକୁ ପଛ ରହିଛନ୍ତି ଯଥାକ୍ରମେ, ଅନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ ଏବଂ ତାମିଲନାଡୁ। ଏହି ପାଞ୍ଚଟିଯାକ ରାଜ୍ୟ ୧୮ଟି ବଡ଼ ଏବଂ ମଧ୍ୟମ ଆକାରର ରାଜ୍ୟମାନଙ୍କ ତାଲିକାରେ ପ୍ରଥମ ପଞ୍ଚଟି ସ୍ଥାନରେ ରହିଛନ୍ତି। ଦେଶର ଉତ୍ତର ଭାଗର ରାଜ୍ୟମାନେ ତାଲିକାର ତଳ ଆଡ଼କୁ ସ୍ଥାନିତ ହୋଇଥବା ବେଳେ ସାତଗୋଟି କ୍ଷୁଦ୍ର ରାଜ୍ୟଙ୍କ ଭିତରେ ସିକ୍କିମ୍ ରହିଛି ଶୀର୍ଷ ସ୍ଥାନରେ । ବଡ଼ ରାଜ୍ୟମାନଙ୍କ ଭିତରେ ତାଲିକାର ସବା ଶେଷରେ ରହିଛି ପଶ୍ଚିମବଙ୍ଗ। ଆଇଜେଆର୍ ମଧ୍ୟ କେତେକ ଧ୍ୟାନ ଆକର୍ଷଣକାରୀ ଦ୍ୱିରୂପୀ ପ୍ରସଙ୍ଗ ସାମ୍ନାକୁ ଆଣିଛି, ଯେଉଁଗୁଡ଼ିକ ଅବଶ୍ୟ ଆଲୋଚନାଯୋଗ୍ୟ । ଉଦାହରଣ ସ୍ୱରୂପ, ବଡ଼ ରାଜ୍ୟମାନଙ୍କ ତାଲିକାରେ ସବା ଶେଷରେ ରହିଥିଲେ ସୁଦ୍ଧା ରାଜ୍ୟ ମାନବଧିକାର କମିଶନରେ ଦାଏର ହୋଇଥିବା ମାମଲାଗୁଡ଼ିକର ଫଇସଲା କରିବା କ୍ଷେତ୍ରରେ ୯୬.୬ ପ୍ରତିଶତ ମାମଲା ଫଇସଲା କରି ପଶ୍ଚିମବଙ୍ଗ ସର୍ବୋଚ୍ଚ ସ୍ଥାନରେ ରହିଛି, ଯାହା ଏମିତିକି ଜାତୀୟ ମାନବାଧିକାର କମିଶନଙ୍କ ଫଇସଲା କରିବାର ସାମର୍ଥ୍ୟଠାରୁ ମଧ୍ୟ ଢେର ଅଧିକ । ତେବେ ରିପୋର୍ଟ ସାବଧାନ କରାଇ ଦେଇଛି ଯେ ଏହା ଭ୍ରମାତ୍ମକ ମଧ୍ୟ ହୋଇପାରେ, କାରଣ ପ୍ରାରମ୍ଭରେ ମାମଲାଗୁଡ଼ିକର ଖାରଜ କରିବା ଭଳି ଏକ କାର୍ଯ୍ୟ ମଧ୍ୟ ରହିଛି, ଯାହା ଅଭିଯୋଗଗୁଡ଼ିକର ବ୍ୟାପକ ଭାବରେ ସମାଧାନ କରିବା ନିମନ୍ତେ ସମ୍ବଳଗୁଡ଼ିକର ବିନା ଉପଯୋଗରେ କରାଯାଇଥାଏ । ସେହିପରି ଅନ୍ୟ ଏକ ବିରୋଧଭାସ ହେଉଛି, କର୍ଣ୍ଣାଟକ ତାଲିକାରେ ଶୀର୍ଷ ସ୍ଥାନରେ ରହିଥିଲେ ମଧ୍ୟ ପୁଲିସରେ ମହିଳାମାନଙ୍କ ନିଯୁକ୍ତି ଏବଂ କାରାଗାରମାନଙ୍କରେ ବିଚାରାଧୀନ କଏଦୀମାନଙ୍କ ରହିବା ସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟର ଶତକଡ଼ା ହାର ବେଶ୍ ନିମ୍ନ ସ୍ତରର। ଏହା ଦର୍ଶାଉଛି ଯେ ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ କ୍ଷେତ୍ରରେ ହୋଇଥିବା ପ୍ରଗତି ମଧ୍ୟ ଆନୁଷ୍ଠାନିକ ଆହ୍ୱାନ ସମୂହ ଏବଂ ସମାଜରେ ବଦ୍ଧମୂଳ ଭାବରେ ରହିଥିବା ଭ୍ରାନ୍ତ ଧାରଣାଗୁଡ଼ିକ ଭଳି ପ୍ରତିବନ୍ଧକସବୁର ସମ୍ମୁଖୀନ ହେଉଛି, ଯାହା ନ୍ୟାୟ ପ୍ରଦାନ କ୍ଷେତ୍ରକୁ ପ୍ରତିହତ କରିବାରେ ଭୂମିକା ନିର୍ବାହ କରୁଛି। ଏସବୁ ସମସ୍ୟାର ସମାଧାନ ନିମନ୍ତେ ନ୍ୟାୟପାଳିକାରେ ସଂସ୍କାରର ଆବଶ୍ୟକତା ରହିଥିବା ବେଳେ ସେଥି ମଧ୍ୟରୁ ଯେଉଁଗୁଡ଼ିକ ପ୍ରାଥମିକତା ଭିତ୍ତିରେ କରାଯିବାର ଆବଶ୍ୟକତା ରହିଛି, ସେସବୁ ହେଉଛି-ଖାଲି ପଡ଼ିଥିବା ପଦବୀଗୁଡ଼ିକର ପୂରଣ କରିବା, ଆଇନଗତ ସହାୟତ ସେବା ଯୋଗାଇ ଦେବାର ବ୍ୟବସ୍ଥାକୁ ଦୃଢ଼ କରିବା, ବିଚାରାଧୀନ କଏଦୀମାନଙ୍କ ସଂଖ୍ୟା ବୃଦ୍ଧିଜନିତ ବୋଝକୁ ହ୍ରାସ କରିବା ଏବଂ ଲିଙ୍ଗ-ସମାବେଶୀ ଚୟନ ମକ୍ରିୟାକୁ ସୁନିଶ୍ଚିତ କରିବା। ଦେଶର ସବୁ ରାଜ୍ୟ ଏଥି ପ୍ରତି ଯତ୍ନବାନ ହେବା ଜରୁରୀ। ନ୍ୟାୟ ପ୍ରଦାନର ଅନୁଷ୍ଠାନଗୁଡ଼ିକ ସୁସଜ୍ଜିତ ନ ହେବା ପର୍ଯ୍ୟନ୍ତ ନ୍ୟାୟ ଏକ ସିଂହଭାଗ ଭାରତୀୟଙ୍କଠାରୁ ଦୂରରେ ରହିବ ହିଁ ରହିବ ।

# ମହାପ୍ରୟାଣର ତାତ୍ପର୍ଯ୍ୟ



### ଇଂ.ସଚ୍ଚିଦାନନ୍ଦ ନନ୍ଦ



ଭଗବାନ ବାରମ୍ବାର ଏହି ମାଟିରେ ମାନବ ଶରୀର ଧରି ଜନ୍ମ ଗ୍ରହଣ କରୁଥିବାରୁ ଏ ଭାରତ ଭୂମି ସୌଭାଗ୍ୟବତୀ ଏବଂ କୃପାଧନ୍ୟ ହୋଇଛି। ଭଗବାନ ତାଙ୍କର ଦିବ୍ୟ ପ୍ରତିଶ୍ରୁତି ଅନୁସାରେ ପ୍ରତି ଯୁଗରେ ଆବଶ୍ୟକତା ଅନୁସାରେ ସ୍ୱୟଂ ଆର୍ବିଭାବ ହୁଅନ୍ତି, ହେଉଛନ୍ତି ମଧ୍ୟ। ମଣିଷ ନିଜ ଅଜ୍ଞତା ଯୋଗୁଁ, ଅହଂକାର ଓ ମମକାର ଯୋଗୁଁ ଧର୍ମ ନୀତିରୁ ଓହରି ଯାଇ ନିଜ ଇଛା ମୁତାବକ ଜୀବନ ଯାପନ କରିବାକୁ ଲାଗେ। ସେଥିରୁ କିଛିଟା ଆନନ୍ଦ ଓ କିଛି ଦିନ ପାଇଁ ଆନନ୍ଦ ଲାଭ କରେ। ତାହା କିନ୍ତୁ ସବୁଦିନିଆ କଥା ହୋଇ ରହେନାହିଁ। ମଣିଷକୁ ଗୋଟେ ଭଲ ଗୁଣ ଦିଆଯାଇଛି ସେ ସବୁ ଦିନିଆ ଆନନ୍ଦ ପାଇବାକୁ ଇଛା କରେ ଓ ସେଥିପାଇଁ ପ୍ରୟାସ କରେ। କିନ୍ତୁ ମାର୍ଗଦର୍ଶକ ଭାବେ ଜଣକୁ ସହଜରେ ପାଇପାରେ ନାହିଁ। କୋଟି କୋଟି ମାନବଙ୍କ ବ୍ୟାକୁଳ ପ୍ରାର୍ଥନାର ଉତ୍ତର ଦେଇ ମାନବ ଠାରେ ଶାନ୍ତି ଓ ଆନନ୍ଦ ଦେବା ଉଦ୍ଦେଶ୍ୟରେ ଓହ୍ଲାଇ ଆସନ୍ତି ଈଶ୍ୱର ସ୍ୱୟଂ କେତେବେଳେ ଈଶ୍ୱରକୋଟି ପୁରୁଷମାନେ ମଧ୍ୟ। କି ପରମ ଅଲୌକିକ ଶକ୍ତି ସେ? ଯେତେ ଲୋକ ତାଙ୍କର ସେତେ ସମସ୍ୟା। ସେ ସବୁକୁ ଅତି ସହଜରେ ସମାଧାନର ପନ୍ଥା ପ୍ରଦର୍ଶନ କରି ଲୋକ ହୃଦୟରେ ପୂଜ୍ୟାସନ ଲାଭ କରିନିଅନ୍ତି। ଲୋକେ ନିଜ ସମସ୍ୟାର ସମାଧାନ ପନ୍ଥା ଲାଭ କରିବା ସହିତ ଅନ୍ୟମାନେ କିଭଳି ଉପକୃତ ହୋଇଛନ୍ତି ତାହା ମଧ୍ୟ ଜାଣିବାକୁ ପାଆନ୍ତି। ବିଦ୍ୟୁତ ବେଗରେ ମହିମା ମଣ୍ଡିତ ହୋଇଯାଆନ୍ତି ସେ ଓ ଅବତାର ଆଖ୍ୟା ଲାଭ କରନ୍ତି। ଏହା ମାଧ୍ୟମରେ ଭଗବାନ କ'ଣ, କେମିତି, କି ଶକ୍ତିର ଅଧିକାରୀ ଲୋକଙ୍କର କିଛିଟା ଅନୁଭୂତି ହୁଏ। ତଥାପି ମଣିଷର ଜନ୍ମ ଜନ୍ମର ଅଭ୍ୟାସର ପ୍ରଭାବ ଅବତାରଙ୍କ ଆର୍ବିଭାବ ଓ ଅଲୌକିକ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଯାଏନାହିଁ। ଏଠାରେ ଭଗବାନ ଏକ ଚମତ୍କାର ପ୍ରଦର୍ଶନ କରାନ୍ତି। ନିଜେ ନିଜର ଦୃଶମାନ ରୂପକୁ ଲୁଚାଇ ଦେଇ ତାଙ୍କ ପ୍ରତି ମାନବ ହୃଦୟକୁ ବ୍ୟାକୁଳ କରାନ୍ତି। ନିଜେ ନିଜ ବାବଦରେ ସୃଷ୍ଟି କରିଥିବା ଘଟଣାମାନ ଲୋକ ମାନସରେ ବାରମ୍ବାର ପ୍ରତିଫଳିତ ଓ ପ୍ରତିଧ୍ୱନୀତ କରି ତାର ଅନ୍ତରରେ ତାଙ୍କ ବିଚ୍ଛେଦ ଜନିତ ବେଦନା ସୃଷ୍ଟି କରାନ୍ତି। ତାହା ମଧ୍ୟ ଏକ ପ୍ରକାର ଭକ୍ତି, ଯେଉଁ ଭକ୍ତି ଫଳରେ ଭଗବାନ ନିର୍ଦ୍ଦିଷ୍ଟ ଭକ୍ତ ଆଗରେ ଦୃଶ୍ୟମାନ ହୁଅନ୍ତି। ଯେଉଁମାନେ ଅବତାରଙ୍କ ଦୃଶ୍ୟମାନ ମାନବୀୟ ଲୀଳା ସନ୍ଦର୍ଶନ କରିଥାନ୍ତି ସେମାନେ ତ ଭାଗ୍ୟବନ୍ତ ବ୍ୟକ୍ତି, ଯେଉଁମାନେ ଅବତାରଙ୍କ ଲୀଳାମାନ ପ୍ରତ୍ୟକ୍ଷ କରିପାରି ନଥାନ୍ତି ତଥାପି ଭକ୍ତିରେ ତାଙ୍କ ପାଇଁ ପାଗଳ ପ୍ରାୟ ହୁଅନ୍ତି ସେମାନେ ଆହୁରି ବଡ଼ ଭକ୍ତ ବୋଲି ଶାସ୍ତ୍ରମାନେ ଏକ ସ୍ୱରରେ କହିଥାନ୍ତି।

ଭଗବାନଙ୍କର ମୃତ୍ୟୁ ନଥାଏ। ସେ ନିଜେ କାଳ ସ୍ୱରୂପ। ସେ କାଳାତିତ, କାଳଦର୍ପ ଦମନକାରୀ। କାଳ ତାଙ୍କର କ'ଣ କରିବ? ତାଙ୍କ ସ୍ଥୂଳ ଶରୀରର ଅନୁପସ୍ଥିତି ଗୋପୀ ମାନଙ୍କୁ ଯେଭଳି ବାତୁଳି କରିଥିଲା, ଭକ୍ତି ଜର୍ଜରିତ ହୃଦୟଗୁଡ଼ିକ ଭଗବାନଙ୍କ ଲାଗି ସେଭଳି ପାଗଳ ପ୍ରାୟ ହୁଅନ୍ତି ତାହା ଏକ ଆଧାତ୍ମିକ ଜୀବନ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଭଗବାନ ତାଙ୍କ ଦେହକୁ କିଛି କାଳ ପାଇଁ ଅସ୍ତମିତ କରାଇ ଦିଅନ୍ତି ଯଦ୍ୱାରା କୋଟି କୋଟି ଲୋକ ତାଙ୍କ ପାଇଁ ଝୁରି ହୋଇ ତାଙ୍କ ନିକଟବର୍ତ୍ତୀ ହୋଇ ଜୀବନ ସାର୍ଥକ କରିପାରିବେ। ଜନସାଧାରଣ ତାହାକୁ କହିଥାନ୍ତି ଭଗବାନଙ୍କ ମହାପ୍ରୟାଣ।

ବିଷୟ ବାସନାରୁ ନିବୃତ୍ତ କରି ମନକୁ ପରମାତ୍ମାଙ୍କ ଠାରେ ନିବିଷ୍ଟ କରେ ଭଗବାନଙ୍କ ମହାପ୍ରୟାଣ। ବାୟୁ ପ୍ରବାହ ନଥିବା ସ୍ଥାନରେ ନିଶ୍ଚଳ ଦୀପଶିଖାସମ ମାନସିକ ସ୍ଥିତି ପ୍ରଦାନ କରେ ଭଗବାନଙ୍କ ମହାପ୍ରୟାଣ। ସତ୍ୟାନ୍ୱେଷଣରେ ବ୍ରତୀକରି ଦୈବାନ୍ୱେଷଣରେ ପ୍ରବୃତ୍ତ କରେ ଭଗବାନଙ୍କ ମହାପ୍ରୟାଣ। ସମସ୍ତ ଦ୍ୱନ୍ଦ୍ୱ ଅବସ୍ଥାରୁ ଉର୍ଦ୍ଧ୍ୱକୁ ନେଇ ଅଦ୍ୱୈତ ଅନୁଭୂତି ପ୍ରଦାନ କରେ ଭଗବାନଙ୍କ ମହାପ୍ରୟାଣ। ମାନବ ଦେହ ଜନିତ ଅହଂକାରରୁ ମୁକ୍ତ କରେ ଭଗବାନଙ୍କ ମହାପ୍ରୟାଣ। କର୍ମ ବନ୍ଧନରୁ ଉଦ୍ଧାର କରି ସମସ୍ତ କର୍ମଫଳ ବିଦୁରିତ କରେ ଭଗବାନଙ୍କ ମହାପ୍ରୟାଣ। ଅନ୍ତଚେତନାରେ ଅନ୍ଧକାର ପରିବର୍ତ୍ତେ ଜ୍ୟୋତିର୍ମୟ ମଣ୍ଡଳ ସୃଷ୍ଟି କରେ ଭଗବାନଙ୍କ ମହାପ୍ରୟାଣ। ମାନବତ୍ୱରୁ ମାଧବତ୍ୱକୁ ବାଟ କଢ଼ାଇ ସାଧନାରେ ପ୍ରବୃତ୍ତ କରେ ଭଗବାନଙ୍କ ମହାପ୍ରୟାଣ। ମମତ୍ୱବୋଧରୁ ଉଠାଇ ନେଇ ବ୍ରହ୍ମତ୍ୱବୋଧ ଜାଗ୍ରତ କରେ ଭଗବାନଙ୍କ ମହାପ୍ରୟାଣ। ଜାଗତିକ ବିଚାରଧାରାରୁ ଉର୍ଦ୍ଧ୍ୱକୁ ନେଇ ଆଧାତ୍ମିକ ସାଧନାରେ ଆଗ୍ରହୀ କରାଏ ଭଗବାନଙ୍କ ମହାପ୍ରୟାଣ।

ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ',
ଅଲିଶା ବଜାର, କଟକ,
ମୋ: ୯୩୩୭୨୪୨୯୫୫

# ସର୍ବଦେବତା ସ୍ୱରୂପ ସତ୍ୟସାଇ

### କିଶୋର କୁମାର ଜେନା



ଆମ ସମସ୍ତଙ୍କ ଜୀବନରେ ଧର୍ମର ମହତ୍ୱ ରହିଛି। ସବୁ ଧର୍ମର ଲୋକ ନିଜ ନିଜ ମାନତ୍ୟା ଅନୁଯାୟୀ ପ୍ରାର୍ଥନା କରିଥାନ୍ତି ଏବଂ ଈଶ୍ୱରଙ୍କୁ ସ୍ମରଣ କରିଥାନ୍ତି। ଏପରି କରିବା ଦ୍ୱାରା ଆମକୁ କଠିନ ସମୟରେ ମଧ୍ୟ ନିଜର ଲକ୍ଷ୍ୟ ପ୍ରତି ଏକାଗ୍ରତା ବଜାୟ ରଖିବାରେ ସହାୟତା ମିଳିଥାଏ। ଆସନ୍ତୁ କେତେକ ବିନ୍ଦୁ ଆଧାରରେ ଜାଣିବା ଯେ କିପରି ଆଧାତ୍ମ ଆମର ଜୀବନ, ବିଚାରଧାରା, କୃତ୍ୟ ଏବଂ ଆଚରଣକୁ ପ୍ରଭାବିତ କରିଥାଏ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନସ୍ୟେକମ୍, ବଚସ୍ୟେକମ୍, କର୍ମଣ୍ୟେକମ୍'। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ଜୀବାତ୍ମାର ଆଧାତ୍ମିକ ଓ ଅପରିବର୍ତ୍ତନୀୟ ବିଭାବ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ପୁଟ୍ଟପର୍ତ୍ତୀ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଗୋଟିଏ ଛୋଟିଆ ଗାଁ। ସେଇ ଗାଁରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀସତ୍ୟସାଇ ବାବା। ୧୯୨୬ ମସିହା ନଭେମ୍ବର ୨୩ ତାରିଖ କାର୍ତ୍ତିକ ମାସ ସୋମବାର ଦିନ। ପାରମ୍ପିକ ସତ୍ୟନାରାୟଣ ପୂଜା ସରିବା ପରେ ମାତା ଈଶ୍ୱରାମ୍ମା ସତ୍ୟନାରାୟଣଙ୍କ ପ୍ରସାଦ ଗ୍ରହଣ କରିଥିଲେ ଏବଂ ତାପରେ ଜନ୍ମ ନେଇଥିଲେ ସତ୍ୟସାଇ ବାବା; ସତ୍ୟନାରାୟଣଙ୍କ ପ୍ରସାଦରୁ ଜନ୍ମ ନେଇଥିବାରୁ ନାମ ଦିଆହେଲା ସତ୍ୟ ନାରାୟଣ ରାଜୁ, ଜନ୍ମ ହେବା ପୂର୍ବରୁ ଏବଂ ଜନ୍ମ ହେବା ପରେ ବହୁ ଅଲୌକିକ ଘଟଣା ଘଟି ଚାଲିଥିଲା। ସାତବର୍ଷ ବୟସରେ ସେ ସ୍କୁଲରୁ ଫେରି ଗୃହତ୍ୟାଗ କରି ନିଜକୁ ସତ୍ୟସାଇ ବୋଲି ଘୋଷଣା କରିଥିଲେ, ସେ ଆଜି ମର ଶରୀରରେ ନାହାନ୍ତି ସତ, କିନ୍ତୁ ପୃଥିବୀରେ ବର୍ତ୍ତମାନ ଏପରି କୌଣସି ଦେଶ ନାହିଁ, ଯେଉଁଠି ଭକ୍ତମାନେ ତାଙ୍କ ଅନୁଗ୍ରହ ଉପକାର ଅନୁଭବ କରୁନାହାନ୍ତି। ଦୈବସତ୍ତା ସବୁବେଳେ ଭକ୍ତମାନଙ୍କୁ ଡାକରାକୁ କାନ ଦେଇ ବସିଥାଏ। ଆବଶ୍ୟକତା ଅନୁଯାୟୀ ଯୁଗାବତାରମାନେ ନିଜର ସ୍ୱଭାବ ପ୍ରକଟ କରନ୍ତି।

ଯୋଗୀରାଜ ଶ୍ରୀ ଅରବିନ୍ଦଙ୍କ ମତରେ 'ସବୁଯୁଗରେ ଅବତାରଙ୍କର କର୍ମ କୌଶଳ ସମାନ ରହିବ ବୋଲି ଆଶା କରାଯାଇ ନପାରେ।' ଆଜିର ସଂଶୟାତ୍ମକ ଯୁଗରେ ଦୈବଶକ୍ତିର ପ୍ରତ୍ୟକ୍ଷ ନିଦର୍ଶନ ନ ଦେଖିଲେ, ଲୋକମାନେ ତାଙ୍କ ଠାରେ ଆତ୍ମସମର୍ପଣ କରନ୍ତି ନାହିଁ। ଭଗବାନ କେବଳ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାରେ ଅଛନ୍ତି ବୋଲି ଆମେ ଭାବିବା ଠିକ୍ ନୁହେଁ। ଭଗବାନଙ୍କ ଆସନ ହେଉଛି ଭକ୍ତର ହୃଦୟ। ସେଥିପାଇଁ ଗୀତାରେ କୁହାଯାଇଛି - 'ପଶ୍ୟନ୍ନପି ଚ ନ ପଶ୍ୟତି'। ଆମ୍ଭେମାନେ ବାହାରେ ଦେଖୁଥିବା ପ୍ରତ୍ୟେକ ବସ୍ତୁ କେବଳ ଆମ ମାନଙ୍କର ଅନ୍ତରାତ୍ମାର ପ୍ରତିଫଳନ। 'ସର୍ବତଃ ପାଣିପାଦଂ ତଥ୍ ସର୍ବତୋକ୍ଷି ଶିରୋମୁଖମ୍।' ସମସ୍ତ ପାଦ, ହାତ, ଆଖି, ମସ୍ତକ ସବୁ ତାଙ୍କର। ଏହାର ଅର୍ଥ ସେ ପ୍ରତ୍ୟେକ ଜୀବ ଭିତରେ ଅଛନ୍ତି।

କେବଳ ସଂଗଠନର ନିୟମ ଅନୁଯାୟୀ ସେବାଦଳ ହୁଅନ୍ତୁ ବା ଯେକୌଣସି ବିଭାଗ, ସେମାନଙ୍କୁ ଦିଆଯାଉଥିବା କାର୍ଯ୍ୟକୁ ସମ୍ପାଦନ କରିବାଟା ଭକ୍ତି ବୋଲି ସ୍ୱୀକୃତ ହୁଏନାହିଁ। ପ୍ରେମଭାବର ସହ କରାଯାଉଥିବା କର୍ତ୍ତବ୍ୟ ହିଁ ବାଞ୍ଛନୀୟ। ସେବା କରିବା ମାଧ୍ୟମରେ ଆମେମାନେ ଉପଲବ୍ଧ କରିବା ଯେ ଆମେ ସମସ୍ତେ ସେହି ଦୈବୀ ସାଗରର ତରଙ୍ଗ ମାତ୍ର। ଅନ୍ୟାନ୍ୟ କୌଣସି ସାଧନା ମାଧ୍ୟମରେ ସମସ୍ତ ଜୀବନ୍ତ ପ୍ରାଣୀ ମାନଙ୍କ ମଧ୍ୟରେ ଥିବା ଐକ୍ୟ ଉପଲବ୍ଧ ହୋଇପାରିବନାହିଁ। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବେ ଦେଖିବା, ଅନ୍ୟର ସଫଳତାକୁ ନିଜର ସଫଳତା ଭାବେ ଗ୍ରହଣ କରିବା, ଅନ୍ୟ ମାନଙ୍କୁ ନିଜ ପରି ଦେଖିବା ଓ ନିଜକୁ ପ୍ରତ୍ୟେକଙ୍କ ଭିତରେ ଦେଖିବା ହେଉଛି ସେବା ସାଧନାର ଅନ୍ତର୍ନିହିତ ତତ୍ତ୍ୱ। ସେବା ଆତ୍ମୋଲବ୍ଧି ପାଇଁ ଉଦ୍ଦିଷ୍ଟ ନବଧା ଭକ୍ତି ମଧ୍ୟରୁ ଏକ ସୋପାନ। ସେ ଦୃଷ୍ଟିରୁ ଆମେମାନେ ଏଥିପାଇଁ ନିଷ୍ଠାର ସହ ଉଦ୍ୟମ କରିବା ଦରକାର। ପ୍ରେମଭାବ କଠିନତମ ହୃଦୟ ପାଇଁ ମଧ୍ୟ ଶ୍ରେଷ୍ଠ ଦ୍ରାବକ। ପ୍ରେମଭାବ ଆମ ମାନଙ୍କ ହୃଦୟ ପଦ୍ମକୁ ବିକଶିତ କରୁ, ଯେଉଁ ସେବା କର୍ମରେ ଆମେ ନିୟୋଜିତ ହେଉଛେ ସେ ସମସ୍ତ କାର୍ଯ୍ୟରେ ବିଜୟୀ ପାଇଁ ଅଗ୍ରସର ହେବା ଉଚିତ। ନଦୀ ବହି ଚାଲେ କେତେକ ଅଞ୍ଚଳର ଉପକାର କରିବା ପାଇଁ କିନ୍ତୁ ନିଜେ ଜଳପାନ ଦରକାର କରେନା। ବୃକ୍ଷ ନିଜର ଫଳ ଖାଇନଥାଏ ଆମ ମାନଙ୍କୁ ସୁସ୍ୱାଦୁ ଫଳ ବିତରଣ କରେ। ମେଘ ବର୍ଷି ଚାଲେ ଅନ୍ୟର ଉପକାର ପାଇଁ। ଗୋ ମାତା ଦୁଗ୍ଧ ଦେଇ ଚାଲେ ଆମର ଆବଶ୍ୟକତା ପୂରଣ ପାଇଁ। ନିଜେ ତ ଟୋପାଏ ପିଇ ନଥାଏ ତେଣୁ କୁହାଯାଏ 'ପରୋପକାରାର୍ଥଂ ଇଦମ୍ ଶରୀରମ୍'। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱ ନିୟନ୍ତାଙ୍କ ସନ୍ତାନସନ୍ତତି ମଣି କିଛି କିଛି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ସାଇ ସେବକର ହୃଦୟ ପବିତ୍ରତା, ନିର୍ମଳତା ଓ ପ୍ରେମ ପ୍ରବାହରେ ପ୍ଲାବିତ ହୋଇଥିବା କଥା। ଭଗବାନ ଶ୍ରୀସତ୍ୟସାଇ ସେବା ସୁଯୋଗର ଏହି ଦିବ୍ୟ ଅବସର ଆମ୍ଭ ମାନଙ୍କୁ ପ୍ରଦାନ କରିଛନ୍ତି। ନିଃସ୍ୱାର୍ଥପର ଭାବରେ ଅନ୍ୟର ଦୁଃଖ, ଯନ୍ତ୍ରଣା ଓ ଅଭାବ ଲାଘବ କରିବା ହେଉଛି ଏକ ମହତ୍ କର୍ମ। ଭଗବାନ କୁହନ୍ତି ବୁବୁକ୍ଷୁଭ ଠାରେ ଖାଦ୍ୟରୂପୀ ଭଗବାନ, ରୁଗଣକୁ ଔଷଧରୂପୀ ଭଗବାନ, ବସ୍ତ୍ରହୀନକୁ ବସ୍ତ୍ରୀରୂପୀ ଭଗବାନ ଓ ତୃଷାର୍ଥକୁ ଜଳରୂପୀ ଭଗବାନ ପହଞ୍ଚାଇ ଦିଅ। ପ୍ରତ୍ୟେକ ଅସହାୟ ବ୍ୟକ୍ତିର ହୃଦୟ ହେଉଛି ଭଗବାନଙ୍କର ମନ୍ଦିର। ଯେଉଁଠି ଆମେ ସେବ ରୂପକ ନୈବେଦ୍ୟ ଅର୍ପଣ କରିପାରିବା। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା। ଆଜି ହେଉଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୪ତମ ମହାପ୍ରୟାଣ ତିଥି ଯାହା ଆରାଧନା ମହୋତ୍ସବ ଭାବେ ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ। ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ୍ୟ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀସତ୍ୟଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ 'ସର୍ବଦେବତା ସ୍ୱରୂପ'।

ଆଇନଜୀବୀ, ବଙ୍ଗାଳିସାହି,
କଟକ,
ମୋ : ୭୩୨୫୯୦୪୯୨୭




## କହିଦେବା ନିଦାଘ ସେ

### ନୀଳମଣି ଚାନ୍ଦ

ହସ୍ତେ ଝାଞ୍ଜିଟିକୁ ନେଇ
କଲ ବେତ୍ରାଘାତ
ଅଂଶୁଘାତ ନାଁ ଶୁଣେଇ
କଲ ଭୟଭୀତ ।

ଖଣ୍ଡିଆଭୂତ ନାଚିଲା
ଘିରି ଘିରି କରି
ପ୍ରାଣୀଠାରେ ଦେଲ ଆଣି
ବଡ଼ ତୃଷା ଭରି।

ପାରଦକୁ ଉଠିବାକୁ
ଅନୁମତି ଦେଲ
ଜଳ ଦେଖି ସହସା ଯେ
ବାଷ୍ପ କରିନେଲ।

ପାଂଶୁଳ ତ କିଶଳୟ
ଖୁବ୍ ଦିଶୁଥିଲା
ଆକାଶରୁ ଅଗ୍ନି ବର୍ଷେ
କହୁଥିଲେ ପିଲା ।

ଆତଙ୍କ ଓ ଆଶଙ୍କାର
ବୀଜ ଦେଲ ବୁଣି
କହିଦେବା ନିଦାଘ ସେ
ଯେତେ ଜ୍ଞାନୀଗୁଣୀ ।

ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଦେଶପ୍ରେମ ଅବତାର

### ତାରାପ୍ରସାଦ ଜେନା



ମୃତ୍ୟୁ ତାର ହେଲା ପରିଚୟ ଆଜି ସହିଦର ସତକାର
ମାତୃଭୂମି ପାଇଁ ନବ ଜାଗରଣ ଦେଶପ୍ରେମ ଅବତାର ।
କାଚବାକ୍ସେ ଥାଇ ସଜହାର ପିନ୍ଧେ ବିଜୟର ଜୟମାଲ୍ୟ
କୋଟି କଣ୍ଠେ ସିଏ ପାଲଟିଛି ଦେଖ ମୁକତିର କଇବଲ୍ୟ ।

ରଙ୍ଗ ପତାକାର ଢଙ୍ଗ ସଜାଇଛି ଆତ୍ମା ତାର ଅନିର୍ବାଣ
ତୋପ ସଲାମୀର ସୁଖ ମନାଉଛି ଆଟୋପର ଗୁଳିବାଣ ।
ଲୁହ ଅନ୍ତର୍ଦାହ ଅତି ମାୟାମୋହ ସାଉଁଟୁଛି ଆତ୍ମତୋଷ
ଆତଙ୍କର ପଛେ ରୁଦ୍ର ଶଙ୍କରଙ୍କ କମ୍ପାଉଛି ଅଗ୍ନିବେଶ ।

ଟିକି ମଶାଣିରେ ପୋଡ଼ା ହେବା ପାଇଁ ଚାହୁଁନାହିଁ ନାରଖାର
ମନ ମଶାଣିରେ ଗେଲ ପାଉଁଶକୁ ପୋଡ଼ା ହେବା ଅଧିକାର।

ଫୁରୁକୁଟି ଗନ୍ଧ କେହି କହିବେନି ଅତରର ଖୋଲାଗନ୍ଧ
ଅନ୍ତରର ସିଏ ଗୁମୁରୁଛି ଉହୁଃ ଜ୍ଞାନ ଚକ୍ଷୁ ମହାଅନ୍ଧ ।

ଗାଢ଼ ନିଦେ ପରା ଶୋଇନାହିଁ ସିଏ ଉଠିବାର ଉପକ୍ରମ
ବିଶ୍ୱାସର ଜଣେ ଅମରତ୍ୱ ସତ୍ତା ଅନୁଭବ ମହୋତ୍ତମ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ଓଡ଼ିଶା
ମୋ:୯୩୪୮୦୫୪୩୦୦

## ଅବଶୋଷ

### ସତ୍ୟନାରାୟଣ ପ୍ରଧାନ

ଆଖିର ଲୁହକୁ ପୋଛିବା ପାଇଁକି
ହାତକୁ ପାଉନି ବଳ
ସମୟ ସାଧିଲା ଏମିତିକା ଦାଉ
ଦୁଃଖ ଯାହା ଚିରକାଳ ।।

ମଣିଷ ଜୀବନ କରିଛି ଅପେକ୍ଷା
ଜୁଇ କାଠ ତାର ସାଥି
ଗାଁ ମଶାଣିଟା କୋଳେଇ ନେବାକୁ
କାଟୁଥାଏ ଦିନ ରାତି ।।

ହାରିବା ଜିତିବା ବୁଝିବା ଭିତରେ
ଆୟୁଷ ଯାଇଛି ସରି
କେଜାଣି କାହିଁକି ବଞ୍ଚିବାକୁ ଇଚ୍ଛା
ଅତୀତକୁ ହୁଏ ଝୁରି ।।

ବିଶ୍ୱ ବିଧାତାକୁ କରୁଛି ନେହୁରା
କରିଦେବ ମନ ତୋଷ
ପାପ କରିଛି କି ପୁଣ୍ୟ ମୁଁ କରିଛି
କ୍ଷମା କର ଥିଲେ ଦୋଷ ।।

ମୋ ଭାବନାକୁ କରିବ ପୂରଣ
ଏତିକି କରୁଛି ଅଳି
ଅବଶୋଷ ହେଲେ ଅତୃପ୍ତ ଆତ୍ମାଟା
ନିତି କରୁଥିବ କଳି ।। ( ସମାପ୍ତ )

ଗ୍ରାମ / ପୋଷ୍ଟ - ଅଣ୍ଡିଆ,
ଜେନାପୁର, ଜିଲ୍ଲା - ଯାଜପୁର,
ପିନ୍- ୭୫୫୦୨୩,
ମୋ -୯୧୭୮୩୧୩୬୪୪

## ଜନମେ ଜନମେ ତୁମେ

### ଜୟନ୍ତ କୁମାର ମଲ୍ଲିକ୍



ତମ କଥା ଭାବି ଭାବି
ଭୁଲେ ଭୋକ ଶୋଷ -

ତମ ବିରହରେ ମନେ
ଭରେ ଅବସୋସ,
ତମ ବିନା ମତେ କିଛି
ଲାଗୁନାହିଁ ଭଲ -
ନୟନରେ ଲୁହଧାରା
ହୁଏ ଝଲମଲ,

ତୁମ ସ୍ମୃତି ସନ୍ତକ ଯେ
ମୋ ପାଇଁ ଅମୂଲ୍ୟ -
ତୁମ ପ୍ରେମ ଅଟଇ ତ
ମୋ ପାଇଁ ଅତୁଲ୍ୟ,

ବିପଦରେ ସମ୍ପଦରେ
ତୁମେ ମନେପଡ଼ -
ହସିଦେଲେ ପ୍ରିୟା ତୁମେ
ଫେରିଯାଏ ଝଡ଼,

ତୁମେ ଥିଲେ ଅଭାବର
ଭାବ ଦୂରେ ଯାଏ -
ତୁମ ପ୍ରୀତି ସମ୍ମୋହନେ
ସବୁକିଛି ପାଏ,

ଜନମେ ଜନମେ ତୁମେ
ସାଥି ଏକା ମୋର -
ଛିଡ଼ିବନି କେବେହେଲେ
ଆମ ପ୍ରୀତି ଡୋର।

ଶୁରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭








ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୬୨



ଡ. ସିନ୍ଧୁ ସେନ୍

ମୋ ଉପରେ ଯାହାସବୁ ଘଟିଯାଇଚି ସେସବୁ ତ ମୋର କଲା କୃତକର୍ମ ପାଇଁ । ସେଦିନ ଏଭଳି ଅମଣିଷ, ଅବିବେକୀ ପାଲଟି ଯାଇଥିଲି ଯେ, ସୀତାଦେବୀଙ୍କ କେଶଗୁଚ୍ଛ ଟାଣିବା ଭଳି ଘୃଣ୍ୟକାମ ମଧ କରିବାକୁ ପଛାଇ ନଥିଲି । ମୋ ଭିତରେ ଥିବା ଗର୍ବ, ଅହଂକାର, କ୍ରୋଧ ମୋତେ ଏତେ ତଳକୁ ଟାଣି ନେଇଥିଲା ଯେ ମୁଁ ଭୁଲି ଯାଇଥିଲି ଐଶ୍ୱରିକ ସତ୍ତାକୁ । ବାସ୍ତବରେ ସବୁ ଶକ୍ତିର ଉପରେ ରହିଥାଏ ଐଶ୍ୱରିକ ଶକ୍ତି । ତାକୁ ଅବମାନନା କରିବା ଅର୍ଥ ନିଜକୁ ନିଃଶେଷ କରିଦେବା । ସୀତାଦେବୀଙ୍କ ଅପହରଣ କରି ମୁଁ ମୋ ନିଜସ୍ୱ ଅଧଃପତନକୁ ଆଦରି ନେଇଥିଲି । ଯେଉଁ ହାତରେ ସେଦିନ ମୁଁ ଦେବୀଙ୍କ ହାତକୁ ଧରିଥିଲି ଆଜି ତାହା କ୍ଷତବିକ୍ଷତ । ଧାରଧାର ହୋଇ ଲହୁ ଝରିଯାଉଛି । ମୋ ହାତ, ଗୋଡ଼ରେ ବୋଳି ହୋଇ ଯାଇଥିବା କଳଙ୍କର କାଳିମା, ସାରାଜୀବନ ଧରି ମୁଁ ବୋହିଚାଲିଛି । ତା ପାଇଁ ମୋ ଆଖିରୁ ଝରୁଥିବା ଅନୁତାପର ଲୁହ ଯଥେଷ୍ଟ କମ୍ । ସେ କ୍ଷତ ଅଲିଭା । ମୁଁ ସରିଗଲେ ସେ ଦାଗ କେବେବି ଲିଭିବ ନାହିଁ କେମିତି ଲିଭିଯିବ । କାଳର ବକ୍ଷରେ ସେଇ କ୍ଷତ ହିଁ ମୋତେ ମହାପାପୀର ପରିଚୟ ଦେବ । ଏବେ ସେସବୁ କଥା ଭାବି ମୋର ଲାଭ କ'ଣ ? ସୀତାଦେବୀ ଯେ, ମୋ ଜୀବନର ଏକ ସ୍ମରଣୀୟ ଅଲିଭା ଅଧ୍ୟାୟ । ସେ ହିଁ ଥିଲେ ମୋ ମୋକ୍ଷତ୍ୱ ଜୀବନର ପ୍ରଥମ ସ୍ୱର୍ଶ । ଏବେ ଅନ୍ତିମଲଗ୍ନରେ ତାଙ୍କର ପଦସ୍ପର୍ଶ ତ କରିପାରିବାର ସୁଯୋଗ ମିଳିବନି । ତେଣୁ ଦୂରରୁ ତାଙ୍କ ପଦଯୁଗଳକୁ ସ୍ମରଣ କରି ପ୍ରଣାମ କରୁଛି ।

ପୁଷ୍ପକଯାନରେ ଥାଇ ଦେବୀ ସୀତା ସେମିତି ରୋଦନ କରୁଥିଲେ । ମୁଁ କିନ୍ତୁ ସେଥିପ୍ରତି ଆଦୌ କର୍ଣ୍ଣପାତ କରୁନଥିଲି । ପୁଷ୍ପକଯାନ କିପରି ଶୀଘ୍ରଶୀଘ୍ର ଲଙ୍କାରେ ପହଞ୍ଚିବ ସେ ଦିଗରେ ଧ୍ୟାନ ଦେଉଥିଲି । ବାସ୍ତବରେ ବହୁତ କରୁଣ ଥିଲା ସେଦିନ ସୀତାଙ୍କର ରୋଦନ, ଭାବୁଥିଲି ଲଙ୍କାରେ ପହଞ୍ଚିବା ପରେ ତାଙ୍କ ମନ ହୁଏତ ପରିବର୍ତ୍ତନ ହୋଇଯିବ । ତାହା ମଧ ସମ୍ଭବ ହୋଇନଥିଲା । ବରଂ ମୁଁ ତାଙ୍କର ପତିଭକ୍ତି ଦେଖି ବିଚଳିତ ହୋଇ ପଡ଼ିଥିଲି । ମୋତେ ସେ ବାରମ୍ବାର କହୁଥିଲେ ରଘୁନନ୍ଦ ରାମ ମୋର ପତିଦେବ । ତାଙ୍କରି ପଦତଳେ ମୋ ମନ ପ୍ରାଣ ଶରୀର ସବୁ କିଛି ଅର୍ପଣ କରିଦେଇଛି । ସମର୍ପିତ ପ୍ରାଣ ମୋର ଆଉ କାହାରିକୁ ପତି ଭାବେ ଗ୍ରହଣ କରିପାରିବ ନାହିଁ । ମୋତେ ବରଂ ସେସବୁ ପ୍ରଲୋଭନରୁ ମୁକ୍ତି କରନ୍ତୁ । ମୋର କିଛି ବି ଦରକାର ନାହିଁ । ଧନ, ଦୌଲତ ଐଶ୍ୱର୍ଯ୍ୟର ପ୍ରଲୋଭନ ମୋ ଠାରେ କିଛି ବି କାମ ଦେବନି । ବରଂ ଏତିକି ମନେରଖ ରାବଣ ତୋ ଜୀବନର ଯବନିକା ଖୁବ୍ ଶୀଘ୍ର ପତନ ହେବ ।

ସୀତାଦେବୀଙ୍କ କୌଣସି କଟୂକ୍ତିକୁ ମୁଁ ମାନିନେବାକୁ ପ୍ରସ୍ତୁତ ନଥିଲି । ବାଧ ହୋଇ ତାଙ୍କ ଅଶୋକବନର ଏକ ନିଭୃତ କକ୍ଷରେ ରଖିବାର ବ୍ୟବସ୍ଥା କଲି । କେତେକ ବିଶ୍ୱସ୍ତ ରାକ୍ଷସୀଙ୍କୁ ତାଙ୍କ ଚାରିପାଖେ ପହରା ଦେବାପାଇଁ ନିର୍ଦ୍ଦେଶ ଦେଲି । ସୀତାଦେବୀଙ୍କର ଯେମିତି କୌଣସି ଶାରୀରିକ କ୍ଷତି ନହୁଏ ଅଶୋକବନ ମଧରେ ସେ ଯେଭିଳ ମୁକ୍ତରେ ବିଚରଣ କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଲି ।

ସୀତାଦେବୀଙ୍କର ରହିବା ବ୍ୟବସ୍ଥା କରିଦେଇ ରାଜପ୍ରାସାଦକୁ ଫେରି ଆସିଲି । ହେଲେ ମୁଁ କ'ଣ ସତରେ ଶାନ୍ତି ପାଇପାରିଲି । କେମିତି ପାଇ ପାରିଥାନ୍ତି । ନିଜର ସ୍ୱାର୍ଥସିଦ୍ଧି ପାଇଁ ପ୍ରତିମୁହୂର୍ତ୍ତରେ ଅସତ୍ୟ, ମିଥ୍ୟା, ଛଳନାର ଆଶ୍ରୟ ନେଉଥିଲି । ସୁଖକୁ କେମିତି ପାଖରେ ରଖି ପାରିଥାନ୍ତି । ଭୌତିକ ଜଗତରେ ଯାହା ପାର୍ଥିବ ସୁଖ, ସେ ତ ରୂପ, ରସ, ଶବ୍ଦ, ସ୍ୱର୍ଶ ଗନ୍ଧରେ ପର୍ଯ୍ୟବେସିତ । ମୁଁ କେବଳ ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ଆଧାରିତ ଏହି ନଶ୍ୱର ଶରୀରକୁ ନିଜର କରି ବସିଥିଲି । ମୁଁ କେବଳ ମୋ ନିଜର ସୁଖ ହିଁ ଖୋଜିବାରେ ବ୍ୟସ୍ତ ଥିଲି । ଆନନ୍ଦ ପ୍ରାପ୍ତିର ରାସ୍ତାକୁ ଭୁଲି ଯାଇଥିଲି । ସୀତାଦେବୀଙ୍କୁ ନିଜ ଅକ୍ତିଆରରେ ନେଇ ଆସିବା ଯେ ମୋ ପାଇଁ ଆନନ୍ଦ ନୁହଁ, ବରଂ ମୋ ମୃତ୍ୟୁର ପଦଧ୍ୱନି, ତାହା ମଧ ଭାବି ନଥିଲି ।

ଏମିତି ଅନେକ ବ୍ୟତିବ୍ୟସ୍ତ ଚିନ୍ତା ନେଇ ମୁଁ ବେଶ୍ କିଛିଦିନ ଧରି କାହାରି ସହ କଥାବାର୍ତ୍ତା ନକରି ନିରବ ରହିବାକୁ ଉଚିତ ମଣିଲି ।

## ॥ ଅଠେଇଶ ॥

ଲଙ୍କାର ରାଜା ହେବା ପରେ ମୋର ରାଜ୍ୟଟିକୁ ଯଥାସମ୍ଭବ ସୁନ୍ଦର ଭାବେ ସଜାଇବାକୁ ଚେଷ୍ଟା କରିଥିଲି । କରିଥିଲି ମଧ । ଅତୀତରେ ଲଙ୍କା ତ ଜଂଗଲପୂର୍ଣ୍ଣ ଥିଲା, ଏବେ କିନ୍ତୁ ଲଙ୍କା ରମ୍ୟଉପବନରେ ପରିଣତ ହୋଇପାରିଚି, ରାଜଉଦ୍ୟାନର ଶୋଭା ତ ଅତି ରମଣୀୟ । ମାତ୍ର ଲଙ୍କା ନଗରୀରେ ଅଶୋକବନର ଶୋଭା ଅତି ଚମତ୍କାର । ବିଶାଳ ଆୟତନକୁ ନେଇ ଅଶୋକବନର ପରିକଳ୍ପନା, ଯେଉଁଠି କେବଳ ରହିଥିଲା ଶହଶହ ସଂଖ୍ୟାରେ ଅଶୋକବୃକ୍ଷ । ତାଛଡ଼ା ଶାଳ, ପିଆଶାଳ, ଶିଶୁ ଆଦି ଅନେକ ବୃକ୍ଷ ଥିଲେ ଉପବନରେ, ତେବେ ଅଶୋକବୃକ୍ଷ ଥିଲା ସେଥି ମଧରୁ ଅନନ୍ୟ, ଭିନ୍ନ ଅଶୋକବୃକ୍ଷରେ କଢ଼ ଧରି ଫୁଲ ଫୁଟିଲେ ସମଗ୍ର ବନାନୀ ଲାଲ ରଂଗର ବର୍ଣ୍ଣାଳୀ ଧାରଣ କରେ । ପୁଷ୍ପ ସମ୍ଭାର ଶୋଭା ଏପରି କମନୀୟ ଥିଲା ଯେ, ମନେହୁଏ ସମଗ୍ର ବନାନୀର ପାଦତଳେ ସବୁ ଗାଲିଚା ଆଉ ଉପରେ ଲାଲି ଚାଦରଟିଏ କିଏ ଯେମିତି ବିଛାଇ ଦେଇ ଆଗନ୍ତୁକ ମାନଙ୍କୁ ସ୍ୱାଗତ କରିବା ପ୍ରତୀକ୍ଷାରେ ରହିଛି, ହିଂସ୍ରଜନ୍ତୁ ଶୂନ୍ୟ ଅରଣ୍ୟ ପଥ ମୁକ୍ତବିହାର ପାଇଁ ସଦା ଉନ୍ମୁକ୍ତ । ସତରେ ଶୋକଶୂନ୍ୟ ଅଶୋକବନ ସେଦିନ ଦେବୀସୀତାଙ୍କୁ ସ୍ୱାଗତ କରିଥିଲା । ମୁଁ ତେଣୁ ବାଛିବାଛି ସେହି ପ୍ରମୋଦ ଉଦ୍ୟାନ ମଧରେ ସୀତାଙ୍କୁ ରଖାଇଥିଲି । ଉଦ୍ୟାନ ମଧଭାଗରେ ସୁରମ୍ୟ ପ୍ରାସାଦଟିଏ । ଯେଉଁଠି ସୀତାଙ୍କର ରହିବାପାଇଁ ସବୁ ପ୍ରକାର ସୁବନ୍ଦୋବସ୍ତ କରି ଦେଇଥିଲି । ସଦ୍ୟ ପଞ୍ଚବଟୀ ବନରୁ ଅପହୃତା ହୋଇ ଆସିଥାନ୍ତି ସୀତାଦେବୀ । ପତିଙ୍କ ପାଇଁ ତାଙ୍କ ମନରେ ଗଭୀର ଶୋକ ଥିବ ନିଶ୍ଚିତ । ତେଣୁ ଶୋକଶୂନ୍ୟ ଅଶୋକବନ ହିଁ ତାଙ୍କ ଦୁଃଖ ଲାଘବ ପାଇଁ ଉପଯୁକ୍ତ ସ୍ଥାନ ହେବ । ଚାହିଁଲେ ସେ ପ୍ରାସାଦ ମଧରେ ରହିବେ । ଆଉ ଇଚ୍ଛା ହେଲେ ବନାନୀ ମଧରେ ମୁକ୍ତ ଭାବେ ବିଚରଣ କରିପାରିବେ । କୌଣସିଟିରେ ତାଙ୍କର ଯେମିତି କିଛି ଅସୁବିଧା ନହୁଏ । ସେଥିପାଇଁ ସତର୍କ ଦୃଷ୍ଟି ଦେବାକୁ କିଛି କର୍ମଚାରୀଙ୍କୁ ସେଠାରେ ନିଯୁକ୍ତି କରିଥିଲି । ସେମାନଙ୍କ ପାଖରୁ ସବୁଦିନେ ସମ୍ବାଦ ମଧ ସଂଗ୍ରହ କରୁଥିଲି ।

ଏତିକି ମଧ ଜାଣିବାକୁ ପାଇଲି, ମୋର ପ୍ରଦତ୍ତ ସମସ୍ତ ବିଳାସମୟ ସାମଗ୍ରୀକୁ ସେ ପରିତ୍ୟାଗ କରିଛନ୍ତି । ତାଙ୍କ ପାଇଁ ଉଦ୍ଦିଷ୍ଟ ରତ୍ନପଲଙ୍କର ଦୁଗ୍ଧଫେନିଭ ଶଯ୍ୟାରେ ନ ଶୋଇ ଭୂମିଶଯ୍ୟାକୁ ସେ ଆଦରି ନେଇଛନ୍ତି । ତାଙ୍କ ଖାଦ୍ୟପେୟ ମଧ ଥିଲା ଠିକ୍ ସେମିତି । ସାମାନ୍ୟ ବଣ୍ୟ ଫଳମୂଳ ହିଁ ଥିଲା ତାଙ୍କ ଦୈନନ୍ଦିନ ଆହାର । ଦାସୀମାନେ ପଚାରିଲେ ସେ କହୁଥିଲେ ମୋ ସ୍ୱାମୀ, ଦେବର ଏବେ ବନବାସୀ । ତେଣୁ ମୋଟାମୋଟି ଅଶୋକବନର ବିଳାସ ଉପବନରେ ଥାଇ ମଧ ସେ ସନ୍ନ୍ୟାସିନୀ ଜୀବନକୁ ଆଦରି ନେଇଥିଲେ । ଅଧିକାଂଶ ସମୟ ତାଙ୍କର ବିତୁଥିଲା ଭବନ ଆଗରେ ଥିବା ବରାଟ ଶିଶୁବୃକ୍ଷ ମୂଳରେ । ସେହି ବୃକ୍ଷମୂଳ ହିଁ ପାଲଟି ଯାଇଥିଲା ତାଙ୍କ ସାଧନାର କ୍ଷେତ୍ର । ମନେମନେ ମୁଁ ତାଙ୍କର ପତି ସମର୍ପିତ ତ୍ୟାଗପୂତ ଜୀବନ ପାଇଁ ପ୍ରଶଂସା କରୁଥିଲି । ଏଭଳି ଜଣେ ଦେବୀଙ୍କୁ ଲଙ୍କା ରାଜ୍ୟକୁ ଆଣିପାରିଛି ବୋଲି ନିଜକୁ ଧନ୍ୟ ମଣୁଥିଲି । ସେହି ଦେବୀ ପ୍ରତିମାଙ୍କପଦତଳେ ପ୍ରଣାମ ଜଣାଇ ମୁଁ କରିଥିବା ଅପରାଧକୁ କ୍ଷମା କରିଦେବା ପାଇଁ ଅନୁନୟ କରୁଥିଲି ।

ଏମିତି କିଛିଦିନ ବିତିଯିବା ପରେ ଦିନେ ଇଚ୍ଛା ହେଲା, ସୀତାଦେବୀଙ୍କୁ ଅଶୋକ ବନରେ ଯାଇ ଟିକିଏ ଦେଖି ଆସିବାକୁ । ଯଦିଓ ଜାଣିଥିଲି, ମୋ ଦର୍ଶନ ମାତ୍ରେ ସେ ଆହୁରି କ୍ରୋଧିତ ହୋଇ ପଡ଼ିବେ । ତଥାପି ସେଠିକୁ ଯିବାକୁ ମନସ୍ଥ କଲି, ସେଦିନ ମୁଁ ଯାଇଥିଲି ଅଶୋକବନକୁ । ପାଖକୁ ଯିବାକୁ ସାହସ ମଧ ହେଉନଥିଲା । ଦୂରରୁ ଯାହା ଦେଖିଲି ନିଜ ଆଖିକୁ ବିଶ୍ୱାସ ମଧ କରିପାରିଲି ନାହିଁ । ଏଇ କ'ଣ ତେବେ ଦେବୀ ସୀତା ? ମହାରାଜା ଦଶରଥଙ୍କ ପୁତ୍ରବଧୂ, ରଘୁବୀର ରାମଚନ୍ଦ୍ରଙ୍କ ଧର୍ମପତ୍ନୀ । ବାସ୍ତବରେ କେତେ କଷ୍ଟ, କେତେ ଯନ୍ତ୍ରଣାମୟ ତାଙ୍କ ଜୀବନ । ଆଲୁଳାୟିତ କେଶଗୁଚ୍ଛ, ଲୁହ ଢଳଢଳ ନୟନ ଯୁଗଳ, ଅବନତ ଶିର, ଚନ୍ଦ୍ରମା ସଦୃଶ ମଳିନ ମୁଖମଣ୍ଡଳ, ସତରେ ଯେମିତି ପୂର୍ଣ୍ଣମୀର ଚାନ୍ଦ ଉପରେ ଛାଇ ହୋଇ ଯାଇଛି କଳାକୃଷ୍ଣ ମେଘର ଆସ୍ତରଣ । ତାଙ୍କ ଆଡ଼କୁ ଦୃଷ୍ଟି ଦେଇ ପାରୁନଥିଲି । ମନରେ ଦୟା ଆସୁଥିଲା ସତରେ ମୁଁ କ'ଣ କଲି । ମୋରି ପାଇଁ ତ ତାଙ୍କର ଏମିତି ଦୟନୀୟ ଅବସ୍ଥା । ଧୀରେଧୀରେ ତାଙ୍କ ପାଖକୁ ପାଦେପାଦେ ଆଗେଇଗଲି । ମୋର ଉପସ୍ଥିତି ହୁଏତ ସେ ପ୍ରଥମେ ଜାଣିପାରି ନଥିଲେ । ତାଙ୍କ ପାଖକୁ ଯାଇ ତାଙ୍କୁ ସ୍ୱର୍ଶ କରିବାର ସାହସ ମୋର ନଥିଲା, ମୁଁ କେବଳ କିଛି ଶବ୍ଦର ସଂକେତ ମାଧ୍ୟମରେ ମୋ ଉପସ୍ଥିତି ତାଙ୍କୁ ଜଣାଇଦେଲି । ଲକ୍ଷ୍ୟକଲି ମୋତେ ଦେଖି ସେ ଭୟରେ ଥରିବାକୁ ଲାଗିଲେ । ତୃଣ ଖଣ୍ଡିଏ ତଳୁ ଉଠାଇ ନେଇ ନିଜ ଶରୀର ଉପରେ ରଖିଦେଲେ । ହୁଏତ ତାହାହିଁ ଥିଲା ତାଙ୍କର ସୁରକ୍ଷା ବଳୟ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୮୮ ॥

ସମୁଦ୍ର ମନ୍ଥନ ମଧ ଏକ ଦୀର୍ଘ ସମୟ ଧରି ଘଟିଥିବା ଘଟଣାର ଏକ ସଂକ୍ଷେପ ରୂପାୟନ। ଆପାତତଃ ସାମୁଦ୍ରିକ ପୁସ୍ତକ ସମୁଦ୍ର ସମ୍ପର୍କିତ ଜ୍ଞାନ ନୁହେଁ, ଅନ୍ୟ ଜ୍ଞାନର ରଚନା। ବେଳେ ବେଳେ ଅଜ୍ଞାତ ଘଟଣାର ପ୍ରତୀକାତ୍ମକ ଦୃଶ୍ୟ ବା ସ୍ୱପ୍ନ ମଧ ଆସିଥାଏ। ପୁରୁଣା ଶ୍ରୀମଦ୍ ଭାଗବତରେ ସ୍ୱପ୍ନ ସମ୍ପର୍କରେ ଏକ ବିଶେଷ ଅଧ୍ୟାୟ ଥିଲା। ପିତୃଲୋକ, ଦେବଲୋକ ଆଦିରୁ ସ୍ୱପ୍ନ ଆସିଥାଏ। ସ୍ୱପ୍ନରେ ସଂସ୍କୃତ ଧାତୁ ମଧ ପ୍ରତୀକାତ୍ମକ ଭାବେ ଆସିଥାଏ ବୋଲି ମୋର ଧାରଣା।) ହିରଣାକ୍ଷ ଶୂକରଙ୍କୁ ଦେଖି ଚିନ୍ତା କଲା 'ଏତ ଏକ ବଳଶାଳୀ ଶୂକର ! ନିଜ ଦନ୍ତାଗ୍ରରେ ଭୂମିକୁ ବିଦାରଣ କରିବାରେ ଲାଗିଛି। ବୋଧହୁଏ ମୋ ବିପକ୍ଷରେ ଏହାକୁ ଦେବତା ମାନେ ପ୍ରେରଣ କରିଅଛନ୍ତି। କରନ୍ତୁ ତ ! ମୋତେ ତ ବ୍ରହ୍ମା କହିଛନ୍ତି ଯେ , ମୁଁ କେବଳ ଭଗବାନ ବିଷ୍ଣୁଙ୍କ ଦ୍ୱାରା ହିଁ ମୃତ୍ୟୁ ବରଣ କରିବି । କିନ୍ତୁ ଏ'ତ ପ୍ରକୃତି ଠାରୁ ସୃଷ୍ଟ ଏକ ସାଧାରଣ ବରାହ ଅଟେ। ଏହାର ଦେହ ଧୂଳି, ଧୂସର, ପଙ୍କ ଓ କର୍ଦ୍ଦମ ରେ ପୂର୍ଣ୍ଣ ହୋଇଛି। କାହିଁକି ସେହି ମୂର୍ଖ ଦେବତା ମାନେ ଏହାକୁ ଏଠାକୁ ପଠାଇଛନ୍ତି ? କାହିଁକି ଏହି ବରାହ ଙ୍କର ବିଜୟ କାମନା କରୁଛନ୍ତି ?'

ହିରଣ୍ୟାକ୍ଷ ନିଜକୁ ଈଶ୍ୱର ବୋଲି ଘୋଷଣା କରିଥିଲା। ସେ ବିଶ୍ୱାସ କରୁନଥିଲା ଯେ,ବାସ୍ତବ ବ୍ରହ୍ମ କେବଳ ତାହା ମଧରେ ନୁହେଁ, ଜଗତର ସକଳ ସୃଷ୍ଟିରେ ବିଦ୍ୟମାନ ଅଛନ୍ତି ।ଏହି ଅସୁର ମାନେ ମାନବ, ଜୀବ, ଜନ୍ତୁ ସମସ୍ତଙ୍କର ଖାଦକ ଥିଲେ । ଅର୍ଥାତ ଏମାନେ ନରଭକ୍ଷୀ ଥିଲେ ।

ସେତେବେଳେ ପୃଥିବୀରେ ପଶୁପକ୍ଷୀ ଓ ମନୁଷ୍ୟଙ୍କ ସଂଖ୍ୟା ଆଦୌ ଅଧିକ ନ ଥିଲା। ଏହି ଅସୁରର ବଂଶ ଯଦି ଏହିପରି ପୃଥିବୀ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି, ତେବେ ପୃଥିବୀର ଜୀବ ଜଗତ, ମାନବ ଆଦି ଲୋପ ପାଇଯିବେ। ସେମାନେ ଆଦୌ ଟିକେବି ମାଂସ ଅବଶିଷ୍ଟ ରଖିବେ ନାହିଁ। ଖାଦ୍ୟ ଅଭାବରୁ ସେମାନେ ଅନ୍ୟାନ୍ୟ ଜୀବ, ଜନ୍ତୁ ମାନଙ୍କୁ ଭକ୍ଷଣ କରିବେ। ପ୍ରାଣୀ ନଥିଲେ ପୃଥିବୀରେ ସନ୍ତୁଳନ, ଖାଦ୍ୟ ଶୃଙ୍ଖଳ ନଷ୍ଟହେବ । ନାନା ଅରମା ବୃକ୍ଷ ମାନଙ୍କ ଅରଣ୍ୟରେ ପୃଥିବୀ ପୂର୍ଣ୍ଣ ହୋଇଯିବ। ଜୀବ ମାନଙ୍କ ବ୍ୟତୀତ ଅଙ୍ଗାରକାମ୍ଳର ପରିମାଣ କିଛି ହ୍ରାସ ପାଇବ। ବୃକ୍ଷ, ଲତା ହ୍ରାସ ପାଇବ। ପରିବେଶ ଉପରେ ଏହାର ପ୍ରଭାବ ପଡ଼ିବ ଓ ଅନେକ ଉପକାରୀ କୀଟ, ପତଙ୍ଗ, ମହୁମାଛି, ଭ୍ରମର, ପ୍ରଜାପତି ଆଦି ବିନାଶ ହେବେ। ଫଳରେ ପରାଗ ସଙ୍ଗମ ଅଭାବରୁ ବୃକ୍ଷ ମାନେ ମଧ ଲୋପ ପାଇଯିବେ। ଅମ୍ଳଜାନର ଅଭାବ ହେବାରୁ ବର୍ଷା ମଧ ହେବନାହିଁ। ଏହିଭଳି ଭାବେ କଶ୍ୟପଙ୍କ ଦ୍ୱାରା ସୃଷ୍ଟ ସେହି ସହସ୍ର, ସହସ୍ର ଦୈତ୍ୟ (ହୁଏତ ଏମାନେ ବୈଜ୍ଞାନିକ ପଦ୍ଧତିରେ ଜନ୍ମ ହୋଇଥିଲେ କିମ୍ବା ତାଙ୍କ ନାତି, ଅଣନାତି ପଣନାତି, ପ୍ରପଣ ନାତି ପର୍ଯ୍ୟନ୍ତ ମିଶି ସମୁଦାୟ ଷାଠିଏ ସହସ୍ରରୁ ଅଧିକ ଥିଲେ) ମାନବ, ଜୀବଜନ୍ତୁ, ମହୁମାଛି, କୀଟ ପତଙ୍ଗ ଆଦିକୁ ପ୍ରଳୟାନ୍ତ ପୃଥିବୀରୁ ଖାଇ ଶେଷ କରିଦେବାରୁ ବାୟୁ ମଣ୍ଡଳର ଉତ୍ତାପ ଅଧୀକ ହୋଇ ମେରୁ ବରଫ ତରଳି ଯାଇଥିଲା ଏବଂ ପୃଥିବୀ ପ୍ରଳୟ ଜଳରେ ପ୍ଲାବିତ ହୋଇଗଲା। ଭାରତର ପଶ୍ଚିମ ପାଖର ଏକାଂଶରେ ସମୁଦ୍ର ମାଡି ବାଲିଚର ପଡିଗଲା ଏବଂ ସେହି ଅଞ୍ଚଳ ଏବେ ଏକ ଦୀର୍ଘ ମରୁଭୂମିରେ ପରିଣତ ହୋଇ ଯାଇଛି। ବର୍ଷା ଆଭାବରୁ ସେଠାରେ ଜଳର ଅଭାବ ଦେଖା ଦେଇଛି। ଯଦି ଏହିଭଳି ଘଟେ ତେବେ ଶେଷରେ ପୃଥିବୀ ଗ୍ରହଏକ ମରୁଭୂମିରେ ପରିଣତ ହୋଇଯିବ। ତେଣୁ ପ୍ରାଜ୍ଞ ଯୋଗୀ ମାନେ ଚିନ୍ତା କରିବାରେ ଲାଗିଲେ ଯେ , କର୍ଦ୍ଦମାକ୍ତ ଧରଣୀର ପଙ୍କ ଓ ଆବର୍ଜନାକୁ ଭକ୍ଷଣ କରି ଜୀବଧାରଣ କରୁଥିବା ଏବଂ ଦାନ୍ତରେ ଭୂମିକୁ ବିଦାରଣ କରି ଉଦ୍ଭିଦ ଉପଯୋଗୀ କରୁଥିବା ଏହି ଶୂକର ବଂଶ ପରି ଏକ ପ୍ରାକୃତିକ ସୃଷ୍ଟିକୁ ସୁରକ୍ଷିତ ରଖିବାକୁ ହେବ। ଶୂକର ହିଁ ହେଉଛନ୍ତି ଜୀବ ସୃଷ୍ଟିର ସବୁଠାରୁ ପରାକ୍ରମୀ ଓ ବଳଶାଳୀ ପଶୁ। ସେମାନଙ୍କ ସହ ସମଗ୍ର ମାନବ ଜାତିକୁ ମଧ ବଞ୍ଚାଇବାକୁ ହେବ। ମାନବ ମାନେତ ସର୍ବଭୁକ୍ଏ । ଏହିପରି ଅଖାଦ୍ୟ ମାନଙ୍କୁ ଭକ୍ଷଣ କଲେ, ହୁଏତ ଅନେକ ଅସାଧ ରୋଗ ବ୍ୟାପି ଯାଇ ପ୍ରାଣୀଜଗତକୁ ଧ୍ୱଂସ କରିଦେବ !

ସେହି ଜଳମଗ୍ନ ପୃଥିବୀକୁ ଉଦ୍ଧାର କରିବା ପାଇଁଏହି ଶୂକରଙ୍କର ପ୍ରଚେଷ୍ଟା ହିରଣ୍ୟାକ୍ଷଙ୍କୁ କ୍ରୋଧିତ କରିବାରେ ଲାଗିଲା। ସେ ବୁଝିପାରିଲେ ଯେ,ଏହି ବରାହ କେବଳ ସେହି ଦେବତା ମାନଙ୍କ ଦ୍ୱାରା ତାଲିମ ପ୍ରାପ୍ତହୋଇ ପ୍ରେରିତ ହୋଇଛି। ସେ ନିଜର ଗୁରୁଭାର ଗଦା ହସ୍ତରେ ସେହି ଶୂକରଙ୍କ ନିକଟରେ ଉପସ୍ଥିତ ହେଲା। 'ହେ, ଶୂକର ! ଜଳ ମଧରେ ଥିବା ଏହି ଦ୍ୱୀପ ମାନ ପାତାଳ ନାମରେ ବିଦିତ।

ପୂର୍ବେ ବ୍ରହ୍ମା ଏହି ସ୍ଥାନକୁ ପାତାଳବାସୀମାନଙ୍କୁ ଦେଇଛନ୍ତି। ତୁ ଏହି ଦ୍ୱୀପରେ ବାସ କରିବାକୁ କିଏ ? ମୁଁ ଏହି କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମକୁ ନିଜ ନିୟନ୍ତ୍ରଣରେ ରଖି ବିଜ୍ଞାନ ବଳରେ କାର୍ଯ୍ୟକାରୀ କରୁଅଛି। ସେହି ମାନଙ୍କ ସ୍ତୁତି ଶୁଣି ତୁ ଅଯଥାରେ ଗର୍ବିତ ହେଉଛୁ କାହିଁକି ? ' ' ହେ, ହିରଣ୍ୟାକ୍ଷ ! ବିଜ୍ଞାନ ବଳରେ ତୁ ଅନେକ ବଳଶାଳୀ ହୋଇ ପାରିଛୁ । ତଥାପି ମଧ ତୋର ଜ୍ଞାନ ରହିବା ଉଚିତ ଯେ, ପ୍ରକୃତି ଅତ୍ୟନ୍ତ ଶକ୍ତିମତୀ। ଦୈବୀଶକ୍ତିଠାରୁ ବଡ଼ ଶକ୍ତି ପୃଥିବୀରେ ଆଉ କିଛି ନାହିଁ। ବର୍ତ୍ତମାନ ସେହି ପ୍ରାକୃତିକ ଶକ୍ତିରେ ମୁଁ ବଳିୟାନ। ଥରେ ତୋର ଆସୁରିକ ଶକ୍ତିର ପରୀକ୍ଷାତ କରି ଦେଖ,ଏପୃଥିବୀରେ କିଏ ସେ ବଞ୍ଚି ରହିବ ? ତୁ ନା ମୁଁ ? '( ଗଦା ହିଁ ସେହି ସମୟରେ ଅସ୍ତ୍ର ଥିଲା) ମନ ମଧସ୍ଥ ଭାବଭଙ୍ଗୀ ଓ କ୍ରିୟା ପ୍ରତିକ୍ରିୟା ମଧରେ ଏହିପରି ବାକ୍ୟାଳାପ କରୁକରୁ ଉଭୟ ଉଭୟଙ୍କର ସମ୍ମୁଖୀନ ହେବାରେ ଲାଗିଲେ। ହିରଣ୍ୟାକ୍ଷର ଆହ୍ୱାନରେ ଶୂକର ମଧ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ। ହିରଣ୍ୟାକ୍ଷ ଶୂକରଙ୍କର ପୃଷ୍ଠ ଦେଶରେ ଗଦାଘାତ କଲେ। ସେହି ଗଦାକୁ ଶୂକର ନିଜେ ସମ୍ଭାଳି ନେଇ ସେହି ମହାକାୟ ଦାନବର ଶିରରେ ପ୍ରହାର କଲେ। ପୁଣିଥରେ ସେହି ଗଦାରେ ସେ ବାରମ୍ବାର ତାର କର୍ଣ୍ଣମୂଳରେ ପ୍ରହାର କଲେ। ଏହିପରି ପରସ୍ପରର ଗଦାଘାତରେ ପରସ୍ପର ଦେହରୁ ରୁଧୀର ଧାରଧାର ହୋଇ ଝରିବାରେ ଲାଗିଲା। ପ୍ରଚଣ୍ଡ ଶବ୍ଦ ଓ ହୁଙ୍କାର ନାଦରେ ପୃଥିବୀ କମ୍ପିବାରେ ଲାଗିଲା। ବିଷ୍ଣୁ ଶୂକରଙ୍କ ହସ୍ତରେ କୌଣସି ଅସ୍ତ୍ରଶସ୍ତ୍ର ନଥିଲା। ହିରଣ୍ୟାକ୍ଷ ଅସୁର ହେଲେ ମଧ ମହାବୀର ଥିଲା। ସେ ପ୍ରଜାପତି କଶ୍ୟପଙ୍କ ପରି ଜଣେ ବୈଜ୍ଞାନିକଙ୍କର ପୁତ୍ର ଥିଲା। ତାର ବିବେକ ଓ ବିଚାର ଅତି ଉଚ୍ଚ କୋଟିର ଥିଲା। ନିଜର ସମାସ୍କନ୍ଧ ଯୋଦ୍ଧା ନଥିଲେ ଏଭଳି ଯୁଦ୍ଧ କନ୍ଦଳ କରିବାରେ ବୀରର କିଛିହିଁ ଆମୋଦ ନଥାଏ। ଜଳଭାଗ ମଧରେ ଥିବା ଏହି ସାମାନ୍ୟ ପୃଥିବୀରୁ ଆର୍ଯ୍ୟମାନେ ସମଗ୍ର ପଶ୍ଚିମ ଉତ୍ତର ଭାଗ ଅଧିକାର କଲାପରେ ତାଙ୍କୁ ଦେବତା ମାନଙ୍କ ସହାୟତାରେ ତଡି ତଡି ଆଣି ଦକ୍ଷିଣ ପ୍ରାନ୍ତରେ(ମହାରାଷ୍ଟ୍ର)ଛାଡି ସାରିଲେଣି। ସେମାନଙ୍କ ମଧରୁ ଅନେକ ସମୁଦ୍ର ମଧସ୍ଥ ଏହି ଦ୍ୱୀପ ମାନଙ୍କରେ ଜୀବନ ଧାରଣ କରିଅଛନ୍ତି। ଷାଠିଏ ସହସ୍ରରୁ ଉର୍ଦ୍ଧ୍ୱ ଦାନବ ମାନଙ୍କର ସେ ହେଉଛନ୍ତି ସମ୍ରାଟ। ସେ ହେଉଛନ୍ତି ରକ୍ଷକ। ଶସ୍ତ୍ର ଧରିନଥିବା ଏହି ଶୂକରକୁ ସେ ବଧ କରିବା ଉଚିତ ହେବ କି ? ହିରଣ୍ୟାକ୍ଷ ଚିନ୍ତିତ ହୋଇ ପଡିଲେ। ଅଥଚ ଅମର ଜଗତବାସୀ ମାନଙ୍କର ଆଉ ଧୈର୍ଯ୍ୟ ନଥିଲା। ବିଷ୍ଣୁଙ୍କର ଏହି ମହା ଦୁର୍ଦ୍ଦାନ୍ତ ଦ୍ୱାରପାଳକୁ ବିନାଶ ନକଲେ ଐଶ୍ୱରୀୟ ଓ ଦେବଶକ୍ତି ଉପରୁ ସମସ୍ତଙ୍କର ଆସ୍ଥା ତୁଟିଯିବ ନାହିଁକି ?

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ନୀଳ ପଣତ

ସସ୍ମିତା ଦାସ



ଜହ୍ନ ଲୁଚିଯାଏ
ଅକସ୍ମାତ ମାଡ଼ିଆସେ ଅନ୍ଧାର
ନିର୍ଜନତା ବଢ଼ିବଢ଼ି ଯାଏ
ନିଶବ୍ଦରେ ଶୁଣାଯାଏ
ଜଣେ କାହାର ଘୁଙ୍ଗୁରର ଶବ୍ଦ।

ନୀଳଶାଢ଼ି ପିନ୍ଧି
କେହି ଜଣେ ଅଶରିରୀ
ଉତପ୍ତ ଦେହ ମନ ନେଇ ଘୁରିବୁଲୁଥାଏ,
ଏ ପୃଥିବୀରୁ ଶବ୍ଦହୀନ ସେ ପୃଥିବୀକୁ।

କେଉଁ ମନ ନେଇ ନିଶାର୍ଦ୍ଧରେ ସେ
କପା ତୋଳେ, ତୁଳା ଭିଣେ ?
ଭିଣା ତୁଳା ଉଡ଼େ ହାଲୁକା ପର ଭଳି
ବିକ୍ଷିପ୍ତ ଏଣେତେଣେ;
ନିଶବ୍ଦରେ, ବେଳ ଅବେଳରେ !

ରାତାରାତି ସେ ତୁଳାରୁ ସେ ଶାଢ଼ି ତିଆରେ
ତାକୁ ନୀଳ ରଙ୍ଗରେ ରଙ୍ଗାଇ
ଖୁବ୍ ଯତ୍ନରେ ଭାଙ୍ଗ ପକାଇ
ସୁନ୍ଦର କରି ଶାଢ଼ି ପିନ୍ଧି;
କାହିଁକି କେଜାଣି
ସେ ସେମିତି ଚାହିଁ ରହିଥାଏ ଦିଗନ୍ତକୁ।

ସେ କାହାର;
ଯାହାର ଆକାଶ ପରି ବିଶାଳ ଛାତି
ଶବ୍ଦହୀନ ବାକ୍ୟ
ତାର କମ୍ପିତ ଓଠର ମିଠା ଚୁମ୍ବନ
ପ୍ରାଣଖୋଲା ହସ
ତା'ର ମନେ ପଡୁଥାଏ ?
ତା'ର ଲୁହରେ ଲମ୍ବିଲମ୍ବି ଯାଉଥାଏ ନୀଳ ପଣତ !

+ସଂପାଦିକା, ନୀଳକଇଁ

## ସ୍ମୃତିରେ ପିଲାଦିନ

ରତ୍ନକାନ୍ତି ମିଶ୍ର



ବୋଉର ଧମକ ଗାଳି ମାଡ କିବା
ପିଲାମନ ରୋକିପାରେ
ଯେଉଁ କଥାକୁ ସେ ମନା କରିଥାଏ
ମନ ଥାଏ ସେଇଥିରେ ।।

ଗଇଁଠା ପିଠାର ଲାଞ୍ଜ ଦିଏ ବୋଉ
ଗେଣ୍ଡା ଶାମୁକାଙ୍କୁ ନେଇ
କାଳେ ଆଣିଦେବ ପରମାଦ ଟିଏ
ପାଣି ତଳେ ଲୁଚିଥାଇ ।।

ଏବେ ଆଉ ନାହିଁ ଜେଜେଙ୍କ ପୁରୁଣା
କାଠ ବେଣ୍ଟର ସେ ଛତା
ଖୋଜିଲେ ମିଳେନା ବୋଉ ହାତ ଅଙ୍କା
ମାଟି କାନରୁ ଝୋଟି ଚିତା ।।

ଲୁଚେଇ ରଖେ ମୁଁ ମୟୁର ଚନ୍ଦ୍ରିକା
ରଫ୍ ଖାତା ମଲାଟରେ
ସତେ ଯାଦୁକର ସାଙ୍ଗଙ୍କ ଆଗରେ
କହଇ ବଢ଼େ ସେ ଧୀରେ ।।

ଧାନ ଉଁଷା ବେଳେ କଦଳୀ ପତରେ
ବୋଉ ଉତୁରାଏ ପିଠା
ମନେପଡେ ପୁଣି ମଞ୍ଜାପୋଡା ସ୍ୱାଦ
ସୁସ୍ୱାଦୁ ପାଣି ଗଇଁଠା ।।

ସ୍ମୃତି ପଟଳରେ ପିଲାଦିନ କଥା
ଅନାହୂତ ଉଙ୍କି ମାରେ
ବେଳେ ବେଳେ ଲାଗେ ସତେ ଫେରିଯାନ୍ତି
ସେଇଦିନକୁ ମୁଁ ଥରେ ।।

+ ଆଳି, କେନ୍ଦ୍ରାପଡା

## ବଞ୍ଚିବାକୁ ଇଚ୍ଛା ହୁଏ

ପ୍ରତିମା ମିଶ୍ର

ଆହ୍ଲାଦିନୀ ଶକ୍ତି
ଯୁଝିବାକୁ ଅଣ୍ଟା ଭିଡେ ଝଡ ପରିସ୍ଥିତି
ଲହୁ ଲୁହ ଭରା ଆଖି ସାଥେ
ବୁଦ୍ଧି ଦୀପ୍ତ ମନ ଆଉ ଅକ୍ଳୁପଣ ଶ୍ରମ
ଦେଇ ସଜାଡେ ଗୃହସ୍ଥି।

ସେ କଲ୍ୟାଣୀ
କଣ୍ଟା ଖୁଂଚ ରାସ୍ତାରେ ଚାଲେ ପାଦ ଥାପି
ନିର୍ବାକ ଆଖିରେ ସେମାପେ ଭବିଷ୍ୟତ
ତାର ଚେତନା ସାଗରରେ ତିତିକ୍ଷାର ସ୍ୱର୍ଶ
ଏତେ ଶ୍ରମ ପରେ ଲୋଡେ
ଟିକେ ମଧୁମୟ ହସ
ଅଳପ ଆଶ୍ୱାସ
ସମୟର ଶୁଷ୍କ ନଦୀରେ ମିଳେ ବା କେଉଁଠି ?
ବେହିସାବୀ ପୁରୁଷର ଉଡନ୍ତା ଶବ୍ଦ
କ୍ଳେଶ କୋହ କ୍ଷୋଭକୁ କରୁଛି ବିବସ୍ତ୍ର।

କ୍ଳାନ୍ତ ଅପରାହ୍ନେ ଯେବେ ଷଠି ଧରି ଯାଏ
ପ୍ରଲମ୍ବିତ ଛାୟା ତାର ଧରିନିଏ ହାତ
ଜଟିଳ ଜୀବନ ମୁଖେ
ହସ ଆସିଯାଏ
ନଶ୍ୱର ସଂସାରେ ପୁଣି
ବଂଚିବାକୁ ଇଚ୍ଛା ହୁଏ।

+ସୃଷ୍ଟି ନିଳୟ ଡୁମୁଡୁମା ,
ଭୁବନେଶ୍ୱର

# ୩୦ରେ ସାରା ରାଜ୍ୟରେ ଅକ୍ଷୟମୁଠି ଅନୁକୂଳ କରିବ ବିଜେପି କୃଷକ ମୋର୍ଚ୍ଚା : ମହେଶ୍ୱର ସାହୁ

ଭୁବନେଶ୍ୱର,୨୩/୪(ନି. ପ୍ର): ଏପ୍ରିଲ ୩୦ ତାରିଖ (ବୁଧବାର) ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜେପି କୃଷକ ମୋର୍ଚ୍ଚା ସାରା ରାଜ୍ୟରେ ଅକ୍ଷୟମୁଠି ଅନୁକୂଳ କାର୍ଯ୍ୟକ୍ରମ କରିବ। ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ କରାଯିବ। ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଶ୍ରୀ ସାହୁ ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, କୃଷି ଓ କୃଷକର ଉନ୍ନତି ପାଇଁ ବିଜେପି ସରକାର ବଦ୍ଧ ପରିକର। ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରଛନ୍ତି । ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣୀକାରୀ ଯୋଜନା କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଅବଗତ କରାଯିବ। ତତ୍‌ସହିତ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚାଷୀମାନଙ୍କୁ ସମ୍ମାନିତ କରାଯିବ । ଏସବୁ ଚାଷୀ ସମାବେଶ ଓ ଅକ୍ଷୟ ତୃତୀୟା ମୁଠି ଅନୁକୂଳ କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ନିମନ୍ତ୍ରଣ କରାଯିବ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ବିଜେପି ପକ୍ଷରୁ ଡ଼ଃ ଭୀମ ରାଓ ଆମ୍ବେଦକର ସମ୍ମାନ ଅଭିଯାନ

କେନ୍ଦ୍ରାପଡ଼ା,୨୩/୪(ନି. ପ୍ର): ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଭାରତରତ୍ନ ସମ୍ବିଧାନ ପ୍ରଣେତା ଡ଼ଃ ଭୀମ ରାଓ ଆମ୍ବେଦକର ସମ୍ମାନ ଅଭିଯାନ କେନ୍ଦ୍ରାପଡା ପୌରସଂସ୍ଥା ଟଉନହଲ ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ନଦିଆ ଏମ୍‌ପି ଜଗନ୍ନାଥ ସରକାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଯାଜପୁର ର ସାଂସଦ ରବି ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ, ଆଳିର କୃଷ୍ଣଚନ୍ଦ୍ର ପଣ୍ଡା, ପାଟକୁରାର ତେଜେଶ୍ୱର ପରିଡା, ରାଜନଗର ର ଲଳିତ ବେହେରା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ଡ଼ଃ କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଉପୀନ ରାଉତ, ଆମ୍ବେଦକର କମିଟି ସଭାପତି ସୁଧିର ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବିଗତ କଂଗ୍ରେସ ସରକାର ସମୟରେ ଡ଼ଃ ଆମ୍ବେଦକରଙ୍କ ପ୍ରତି ସବୁ କ୍ଷେତ୍ରରେ ନିଚା ଦେଖାଇବା ପାଇଁ ଉଦ୍ୟମ କରାଯାଇ ଆସିଥିଲା।

# ୭ କୋଟି ଟଙ୍କାର ସମୁଦ୍ରକୂଳ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

ପୁରୀ,୨୩/୪(ନି. ପ୍ର): ବିଶ୍ୱସ୍ତରୀୟ ସହର ହେବ ପୁରୀ ସହର । ସହର ଚାରିପଟେ ହେବ ରିଙ୍ଗ ରୋଡ । ଅଥଚ ସମୁଦ୍ରକୂଳ ଦିଗବାରେଣି ଠାରୁ ଷ୍ଟ୍ରଲିନ ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ରାସ୍ତା ନିମ୍ନମାନର ବୋଲି ଅଭିଯୋଗ ହେଉଛି । କେଉଁଠି ପିଚୁ ଉଠି ଗଲାଣି ତ କେଉଁଠି ଫ୍ଲେବର ଇଟା ଫାଟି ଖାଲ ସୃଷ୍ଟି ହେଲାଣି । ଚଲାପଥରେ ପଡିଥିବା ଗ୍ରାନାଇଟ ପ୍ଲେଟ ଅତି ନିମ୍ନମାନର ହୋଇଥିବାରୁ କେତେକ ଯାଗାରେ ତାହା ଫାଟି ଦୁଇଖଣ୍ଡ ହୋଇ ଗଲାଣି । ଅଳ୍ପ ବର୍ଷା ହେଲେ ସେହି ପ୍ଲେଟ ଚିକଣିଆ ଯୋଗୁ ପର୍ଯ୍ୟଟକଙ୍କ ଗୋଡ ଖସି ଆହତ ହେଉଛନ୍ତି । ପ୍ରାୟ ୭ କୋଟି ଟଙ୍କାର ଟେଣ୍ଡର ହୋଇଥିବା ଏହି ରାସ୍ତାର ଗୁଣବତା ଯାଂଚ୍ ହେଉନଥିବା ଅଭିଯୋଗ ହେଉଛି । ପୂର୍ତ୍ତ ବିଭାଗରେ ଥିବା ପୂର୍ବ ଅଧିକାରୀ ଏ ସଂପର୍କରେ ଆଖି ମୁଜି ବିଲେଇ କ୍ଷୀର ପିଇବା ନ୍ୟାୟରେ ଏଠାରୁ ଖସି ଯାଇଥିବା ଶୁଣିବାକୁ ମିଳୁଛି । କାମ ସମୟରେ ପୂର୍ତ୍ତ ବିଭାଗର କ୍ୱାଲିଟି କଂଟ୍ରୋଲ ୟୁନିଟ ଏହାର ଗୁଣବତା ଯାଂଚ୍ ନକରି ଠିକାଦାରଙ୍କୁ ବିଲ୍ ପେମେଂଟ କରି ଦେଇଥିବା ଶୁଣିବାକୁ ମିଳୁଛି । ଲୋକଙ୍କ ଟିକସରେ ନିର୍ମିତ ଏହି ରାସ୍ତାରେ ଦୁର୍ନୀତିର ଦୁର୍ଗନ୍ଧ ରହିଥିବା ନେଇ ଆପର ଜିଲ୍ଲା ସଭାପତି ସଂଜୀବ କୁମାର ମହାନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି । କାର୍ଯ୍ୟାଳୟରେ ଅଧିକାରୀ ପୁରୀରେ ଚାକିରି କରିଥିଲେ ମଧ୍ୟ ଅଧିକାଂଶ ସମୟ ଭୁବନେଶ୍ୱରରେ ରହୁଥିବା ଅଭିଯୋଗ କରିଛନ୍ତି । ଏହି ସମୁଦ୍ରକୂଳ ରାସ୍ତା ଦୁର୍ନୀତି ସଂପର୍କରେ ଭିଜିଲାନ୍ସ ବିଭାଗ, ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀ, ପୂର୍ତ୍ତ ସଚିବ, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ପାଇଁ ସେ ଅନୁରୋଧ କରିଛନ୍ତି।

# ବୁଟ ଚାଷର କ୍ଷେତ୍ର ଦିବସ ଅନୁଷ୍ଠିତ

ଚମ୍ପୁଆ,୨୩/୪(ନି. ପ୍ର): ଚମ୍ପୁଆ ବ୍ଲକ୍ ଭୂଇଁପୁର ପଂଚାୟତର ଭୋଦପଶି ଓ ପଡୁଆ ପଂଚାୟତର ମଉଦି ଗ୍ରାମରେ କୃଷି ବିଭାଗ ତରଫରୁ ବୁଟ ଚାଷର କ୍ଷେତ୍ର ଦିବସ ଅନୁଷ୍ଠିତ ହୋଇ ଯାଇଛି। ମଉଦି ଗ୍ରାମରେ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଭରସିଓର ରାଜେନ୍ଦ୍ର ଜୁଆଙ୍ଗ ଓ ଚିତରଞ୍ଜନ ସାହୁ ଯୋଗଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଧାନ ଚାଷ ଅମଳ ପରେ ପତିତ ଜମିରେ ଡ଼ାଲି ଜାତୀୟ ଫସଲ ଚାଷର ଉପକାରିତା ସମ୍ପର୍କରେ ଅବଗତ କରିଥିଲେ। ଡାଲି ଜାତୀୟ ଫସଲ ଚାଷ ଜମିର ଉର୍ବରତା ବୃଦ୍ଧି କରିବା ସହ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ବୋଲି ଚାଷୀ ମାନଙ୍କୁ ବୁଝାଇଥିଲେ। ମଉଦି ଗ୍ରାମର ୧୨୫ରୁ ଉର୍ଦ୍ଧ୍ୱ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ସେହିପରି ଭୋଦପଶି ଗ୍ରାମରେ ସହକାରୀ ବ୍ଲକ କୃଷି ଅଧିକାରୀ ରାମାମଣି ସାହୁଙ୍କ ସଭାପତିତ୍ୱରେ ବୁଟ ଚାଷର କ୍ଷେତ୍ରଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିଏଡବ୍ଲ୍ୟୁ ସୁବଳ ବାଗ, ସାଉଁରୁ ମାରାଣ୍ଡି ଉପସ୍ଥିତ ରହି ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଗ୍ରାମର ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।

# ରବିଋତୁ ଡ଼ାଲି ଜାତୀୟ ଶସ୍ୟ ଫସଲ ସଂଗ୍ରହ କମିଟି ବୈଠକ: ଅଧିକ ଅମଳ ହେଉଥିବା ଅଂଚଳରେ ମଣ୍ଡି ଖୋଲାଯିବ

ଖୋର୍ଦ୍ଧା,୨୩/୪(ନି. ପ୍ର): ଜିଲାରେ ମୁଗ, ବିରି, ଚିନାବାଦାମ ଏବଂ ସୂର୍ଯ୍ୟମୁଖି ବହୁଳ ରବିଚାଷ ହେଉଥିବା ଅଂଚଳରେ ମଣ୍ଡି ଖୋଲିବାକୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଂଚଳ ରାଣା ଅଧ୍ୟକ୍ଷତା କରି ରବି ଫସଲ ଅଧିକ ଅମଳ ହେଉଥିବା ଅଂଚଳରେ ମଣ୍ଡି ଖୋଲିବାକୁ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ତୃଣମୂଳ ସ୍ତରରେ କର୍ମଚାରୀ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଯେଉଁ ସମବାୟ ସମିତି ଓ ପ୍ୟାକସରେ ମେମ୍ବର ମାନେ ଅଧିକ ଡ଼ାଲି ଜାତୀୟ ଫସଲ କରୁଛନ୍ତି ସେହି ସ୍ଥାନ ଗୁଡିକରେ ମଧ ମଣ୍ଡି ଖୋଲିବାକୁ ଜିଲ୍ଲାପାଳ ଉପନିବନ୍ଧକଙ୍କୁ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ଅନୁରୂପ ଭାବେ ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଲେ ଯେ, ଚାଷୀ ମାନଙ୍କୁ ଅନଲାଇନ୍ ମାଧ୍ୟମରେ ପେମେଂଟ ସଠିକ୍ ଭାବେ ହେବା ଜରୁରୀ । ଏ ଦିଗରେ ଜିଲ୍ଲାପାଳ କହିଲେ ଯେ, ଏଫ୍ ପି ଓ ମାନଙ୍କୁ ତାଲିମ ଦେବା ଏବଂ ଚାଷୀଙ୍କୁ ସଚେତନତା କରାଇବା ବାଞ୍ଛନୀୟ ଅଟେ । ତେବେ ଚାଷୀମାନଙ୍କ ପଞ୍ଜିକରଣ ଆସନ୍ତା ଶୁକ୍ରବାର ମଧ୍ୟରେ ସାରିବାକୁ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଦୈନିକ ଚାଷୀ ପଞ୍ଜିକରଣ ଅଗ୍ରଗତି ଜିଲ୍ଲାପାଳଙ୍କୁ ଡି ଆର ସି ଏସ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜଣାଇବେ କ୍ଷ ଆ ଇ ସି କାର୍ଯ୍ୟକ୍ରମ ବ୍ୟାପକ ଭାବେ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଇ ୫ ତାରିଖରୁ କ୍ରୟ ଆରମ୍ଭ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ଚଳିତ ୨୦୨୪-୨୫ବର୍ଷରେ ଜିଲ୍ଲାରେ ମୁଗ ୩୧୨୩ମେଟ୍ରିକ୍ ଟନ ମୁଗ,୩୦୮ମେଟ୍ରିକ ଟନ ବିରି, ୧୪୦ ମେଟ୍ରିକ୍ ଟନ୍ ଚିନାବାଦାମ ୧୪୦ ଓ ୨୫ମେଟ୍ରିକ୍ ଟନ୍ ସୂର୍ଯ୍ୟମୁଖୀ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୃଷି ବିଭାଗର ବ୍ଲକସ୍ତରୀୟ ଅଧିକାରୀ, ସମବାୟ ସମିତି ସଭାପତି, ସମ୍ପାଦକ ସଂପୃକ୍ତ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ସମ୍ବଲପୁରୀ ଡେରା ସହ ଲୋକଙ୍କୁ ଯୋଡିବାକୁ ପ୍ରୟାସ

ସମ୍ବଲପୁର,୨୩/୪(ନି. ପ୍ର): ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ମଙ୍ଗଳବାର ସଫେଇ ଅଭିଯାନ କରାଯାଇଛି । ଡେରା ପରିସରରେ ଥିବା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀ ସଫେଇ କରାଯିବା ସହ ପ୍ରତିମୂର୍ତ୍ତୀ ପରିସରକୁ ମଧ୍ୟସଫା କରାଯାଇଛି । ମଂଚର ସଦସ୍ୟ ମାନେ ନିୟମିତ ବ୍ୟବଧାନରେ ଡେରା ପରିସରରେ ସଫେଇ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏହି ଅବସରରେ ନିଷ୍ପତି ନେଇଛନ୍ତି । ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ୨୦୧୭ ମସିହାରେ ଏକ ଉଦ୍ୟାନ ନିର୍ମାଣରୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମ୍ବଲପୁରୀ ଡେରାର ଭିତିପ୍ରସ୍ତର ପଡିଥିଲା । ତେବେ ଦୀର୍ଘ ବର୍ଷ ଅବହେଳିତ ହୋଇ ପଡି ରହିଥିବା ବେଳେ ପଶ୍ଚିମାଂଚଳ ଏକତା ମଂଚ ପ୍ରଶାସନ ଏବଂ ସରକାର ନିକଟରେ ଏହାର ବିକାଶ ନେଇ ଦାବୀ ଉପସ୍ଥାପନ କରି ଆସିଥିଲା । ଏହାପରେ ଜିଲାପ୍ରଶାସନ ପକ୍ଷରୁ ଡେରାର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ବିକଶିତ କରି ସମ୍ବଲପୁରୀ ପ୍ରେମୀଙ୍କୁ ଆକର୍ଷିତ କରିବା ପାଇଁ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ସେଥିପାଇଁ ପ୍ରଶାସନକୁ ସହଯୋଗ କରିବା ସହ ନିଜସ୍ୱ ଉଦ୍ୟମରେ ସମ୍ବଲପୁରୀ ସମ୍ପର୍କିତ ଅନେକ ବ୍ୟବସ୍ଥା କରିବାକୁ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ସ୍ଥିର କରାଯାଇଛି । ଏହାସହ ନିୟମିତ ସଫେଇ ଅଭିଯାନ କରି ସହରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ବଲପୁରୀ ଡେରା ସହ ଯୋଡିବାକୁ ପ୍ରୟାସ କରାଯିବ ବୋଲି ଏକତା ମଂଚ ପକ୍ଷରୁ ଯୋଜନା କରାଯାଇଛି । ଏହାଦ୍ୱାରା ସମ୍ବଲପୁରୀ ଡେରା ପରିସର ସଫା ରହିବା ସହ ସମ୍ବଲପୁରୀ ପ୍ରେମୀ ମଧ୍ୟ ଡେରା ସହ ନିଜକୁ ଯୋଡି ପାରିବେ ବୋଲି ଆଶା କରାଯାଉଛି ।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ

ଜୟପୁର,୨୩/୪(ନି. ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଏକ ସାଇକେଲ ସଚେତନତା ରାଲି ଆୟୋଜିତ କରିଥିଲେ। ଏଥିରେ ବିଦ୍ୟାଳୟର ୭୦ ଜଣ ଛାତ୍ରଛାତ୍ରୀ ଓ ସିଓ୍ୱା ଅନୁଷ୍ଠାନର ସଭ୍ୟ ମାନେ ସାଇକେଲ କ୍ଲବ ର ସଭ୍ୟ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଓ୍ୱା ର ସଭାପତି ସୁଧାକର ପଟ୍ଟନାୟକ ଓ ପ୍ରଧାନ ଶିକ୍ଷୟତ୍ରୀ ବି. ସୁଜାତା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରିବେଶ ସଂପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଏହି ରାଲି ସିଟି ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଏନ କେ ଟି ରୋଡ, ମେନ୍ ରୋଡ, ପାରା ବେଡା, ରାୟ ବାବୁ ସାହି, ବେଲ ରୋଡ ଦେଇ ପୁଣି ବିଦ୍ୟାଳୟରେ ଶେଷ ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇ ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକ, ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ, ଦେବେନ୍ଦ୍ର ପାଢ଼ୀ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆଜିର ଦିବସ ପାଳନର ଆଭିମୁଖ୍ୟକୁ ଜଣାଇ ଥିଲେ। ସିଓ୍ୱା ଅନୁଷ୍ଠାନ ତରଫରୁ ସମ୍ପାଦକ ସୌମ୍ୟ ରଞ୍ଜନ ଦଳାଇ, ଓ ଜି ଭି ରେଡ୍ଡୀ, ବିନାୟକ ମହାପାତ୍ର, ରଘୁନାଥ ପାଣିଗ୍ରାହି, ପ୍ରଦୀପ୍ତ କୁମାର ସାହୁ, କେ କ୍ରିଷ୍ଣା ରାଓ, ଅଶୋକ ଚୌଧୁରୀ,ରବୀନ୍ଦ୍ର ନାଥ ସାହୁ, କେ ମୋହନ ରାଓ ଓ ସାଇକଲ କ୍ଲବ ତରଫରୁ ସଦାଶିବ ପଟ୍ଟନାୟକ, ସଞ୍ଜୟ ଅନ୍ୟାନ୍ୟ ସଭ୍ୟ ମାନେ ଯୋଗ ଦେଇଥିଲେ।

# ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକାରିତା ଉପରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର,୨୩/୪(ନି. ପ୍ର): ସମ୍ବଲପୁରର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପରିସରରେ ୮ମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆହୂତ ବୈଠକରେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରତିନିଧି ନାଉରୀ ନାଏକ, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ। ବୈଠକରେ କୃଷି ବିଭାଗର ବିହନ ଯୋଗାଣ ରାସାୟନିକ ସାର, ପିଏମ-କିସାନ ଉପରେ ଆଲୋଚନା ହେଲା । ଉପସ୍ଥିତ ମନ୍ତ୍ରୀ ସମନ୍ୱିତ ଚାଷ ସମ୍ପର୍କରେ ଗୁରୁତ୍ୱ ଦେବା ପାଇଁ କହିଥିଲେ । ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବା ଏବଂ ପରବର୍ତ୍ତୀ ବୈଠକରେ ପରିଦର୍ଶନର ଫଟୋ ଅଂଶୀଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ରାସନ କାର୍ଡ ପ୍ରସ୍ତୁତି ଓ ବଂଟନ ଉପରେ ଆଲୋଚନା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ଆୟୁଷ୍ମାନ କାର୍ଡ ବିଷୟରେ ଆଲୋଚନା, ଯଦି କୌଣସି ଘରୋଇ ହସ୍ପିଟାଲ, ନର୍ସିଂ ହୋମରେ ହେଲ୍ଥକାର୍ଡର ଦୁରୁପଯୋଗ ହୁଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ସତର୍କ କରିଥିଲେ। ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା ହୋଇ ଆବଶ୍ୟକସ୍ଥଳେ ଅଧିକ ନଳକୂପ ପ୍ରସ୍ତାବ ଦେବାକୁ ଜିଲ୍ଲାପାଳ ଓ ମନ୍ତ୍ରୀ କହିଛନ୍ତି। ଏଥିସହିତ ବିଶୁଦ୍ଧ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ନଳକୂପର ମରାମତି ଓ ଧୋଇବା ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ଆବଶ୍ୟକ ସ୍ଥଳେ ସ୍କୁଲର ପୁନଃରୁଦ୍ଧାର ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଖରାଦିନେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସମ୍ପର୍କରେ ଆଲୋଚନା ହେବା ସହ ବିଦ୍ୟୁତ୍ କାଟ ନିୟନ୍ତ୍ରଣ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗ୍ରୀଷ୍ମ ଋତୁରେ କୌଣସି ବିଜୁଳି କାଟ୍ ନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।ଏହି ବୈଠକରେ ସମସ୍ତ ଜିଲ୍ଲା ପରିଷଦ ଜୋନର ସଦସ୍ୟ,ସଦସ୍ୟା, ସମସ୍ତ ଲାଇନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉପାନ୍ତ ଆନ୍ଧ୍ର ପ୍ରଦେଶର ନବମ ଓ ଦଶମ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ପ୍ରଦାନ

ଗଞ୍ଜାମ,୨୩/୪(ନି. ପ୍ର): ଓଡିଶା ତଥା ଓଡିଶା ବାହାରେ ସରକାରୀ ବିଦ୍ୟାଳୟ ରେ ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀ ମାନଙ୍କୁ ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ଶିକ୍ଷାବର୍ଷ ଆରମ୍ଭରେ ପାଠ୍ୟପୁସ୍ତକ ପ୍ରଦାନ କରିବା ପାଇଁ ଉତ୍କଳ ସମ୍ମିଳନୀ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇ ଆସୁଅଛି। ଏହି ପରିପ୍ରେକ୍ଷିରେ ଚଳିତ ୨୦୨୫ ଓ ୨୦୨୬ ଶିକ୍ଷାବର୍ଷ ପାଇଁ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବ୍ରହ୍ମପୁର ସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ନବମ ଶ୍ରେଣୀ ପାଇଁ ଓଡ଼ିଆ ସାହିତ୍ୟ ବହି ୧୨୫୦ ଏବଂ ବ୍ୟାକରଣ ବହି ୧୨୫୦ ଏବଂ ଦଶମ ଶ୍ରେଣୀର ଓଡ଼ିଆ ସାହିତ୍ୟ ୧୨୭୦ ଏବଂ ବ୍ୟାକରଣ ବହି ୧୨୭୦ ଖଣ୍ଡ ପ୍ରଦାନ କରାଯାଇଛି। ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପତ୍ର ଅନୁଯାୟୀ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ସେକ୍ରେଟାରୀଙ୍କ ଅନୁମୋଦନ କ୍ରମେ ବ୍ରହ୍ମପୁର ଡେପୁଟି ସେକ୍ରେଟାରୀ ସୁବାସ ଚନ୍ଦ୍ର ବେହୁରା ଏବଂ କାର୍ଯ୍ୟାଳୟ ଅଧିକାରୀ ଗଣ ସହଯୋଗ କରିଥିଲେ। ଉତ୍ତର ଆନ୍ଧ୍ର ପ୍ରଦେଶ ଓଡ଼ିଆ ବିଦ୍ୟାଳୟ ପରିଦର୍ଶକ ଦୁର୍ଗା ପ୍ରସାଦ ଚୌଧୁରୀ, ଆନ୍ଧ୍ରପ୍ରଦେଶ ଓଡ଼ିଆ ସଂଖ୍ୟା ଲଘୁ ସଭାପତି ଅଧିବକ୍ତା ସତ୍ୟ ନାରାୟଣ ପାଢୀ, ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ପଲାଇ ଏବଂ ଇଚ୍ଛାପୁର ଓଡ଼ିଆ ବାପୁଜୀ ପାଠାଗାର ସଭାପତି ରଘୁନାଥ ଗୌଡ ପ୍ରମୁଖ ଉପସ୍ଥିତ ରହି ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟରୁ ଗ୍ରହଣ କରିଥିଲେ। ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଏବଂ ଉନ୍ନତି ନିମନ୍ତେ ସହଯୋଗ ପ୍ରଦାନ କରିଥିବାରୁ ରାଜ୍ୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମେତ ଉପସ୍ଥିତ ସମସ୍ତଙ୍କୁ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସଭାପତି ପ୍ରଫେସର ଡକ୍ଟର ଅଦ୍ୱୈତ କୁମାର ପାତ୍ର, କେନ୍ଦ୍ରୀୟ ଉପସଭାପତି ତଥା ଗଞ୍ଜାମ ଜିଲ୍ଲା ସଭାପତି ଡଃ. ସୁବ୍ରତ କୁମାର ସାହୁ ଏବଂ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଛନ୍ତି। ଏବଂ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ସମସ୍ତ ଉପାନ୍ତ ଅଞ୍ଚଳର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ୧୨ ହଜାର ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଯଥାଶୀଘ୍ର ପାଠ୍ୟପୁସ୍ତକ ପ୍ରଦାନ କରିବା ପାଇଁ ଉତ୍କଳ ସମ୍ମିଳନୀ ତରଫରୁ ଓଡ଼ିଶା ରାଜ୍ୟ ସରକାର ଙ୍କ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କୁହାଯାଇଛି।

# ଅବକାରି ଚଢ଼ଉ: ୩ ଗିରଫ

ଜୟପୁର,୨୩/୪(ନି. ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଦୁଇଟି ସ୍ଥାନରେ ଚଢଉ କରାଯାଇ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଅନ୍ତା ଗ୍ରାମର ଜଗବନ୍ଧୁ ବାଘ, ବଡ ଓଜେଇ ଗ୍ରାମର ବଳଦେବ ଭଇଁସା ଓ ଜଦୁ ହରିଜନ । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଅନ୍ତା ଗ୍ରାମ ରାସ୍ତାରେ ଚଢଉ କରାଯାଇଥିଲା । ଚଢଉ କରି ୯ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ସେହିପରି ନିଳାଗୁଡାରୁ ଏକ ବାଇକରେ ବଡ ଓଜେଇ ଗ୍ରାମର ବଳଦେବ ଭଇଁସା ଓ ଜଦୁ ହରିଜନ ଦୁଇ ଅଭିଯୁକ୍ତ ଦେଶି ମଦ ଚାଲାଣ କରୁଥିବା ବେଳେ ଜୟପୁର ଅବକାରି ଥାନା ଜୟନଗର ଠାରେ ଚଢଉ କରିଥିଲା । ଚଢଉ କରି ୨ ଅଭିଯୁକ୍ତଙ୍କ ଠାରୁ ୩୬ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ୧୦୮ ସହ ବାଇକ ଦୁର୍ଘଟଣା , ୨ ଗୁରୁତର

କୋରେଇ,୨୩/୪(ନି. ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ଠାରେ ମଙ୍ଗଳବାର ଭୋରୁ ଏକ ଦୁର୍ଘଟଣାରେ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ବାହାବଲପୁର ଗ୍ରାମର ଭାସ୍କର ଜେନାଙ୍କ ପୁଅ ରବିନ୍ଦ୍ର(୪୦) ଓ ବେରୁଦା ଗ୍ରାମର ଗେଡ ମୁଣ୍ଡା (୩୫) ଦୁହେଁ ଏକ ବାଇକ(ଓଡି୩୪ଏ୪୯୭୫) ଯୋଗେ ରଂଗରୁଟରେ ଯାଉଥିବା ବେଳେ କୁଆଖିଆ ପଟୁ ଆସୁଥିବା ୧୦୮ ସହିତ ସମ୍ନା ସାମ୍ନି ଧକ୍କା ହୋଇଥିଲ। ଫଳରେ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ସେହି ୧୦୮ରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଂଙ୍କଟାପନ୍ନ ହେବାରୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି।

# ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନିମନ୍ତେ ବୈଠକ ଆୟୋଜିତ

ଭୁବନେଶ୍ୱର,୨୩/୪(ନି. ପ୍ର): ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ କରିବା ପାଇଁ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଏସବିଏମ୍ ଆଡ଼ଭାଇଜର ନାମକ ସଂସ୍ଥା ଓଡ଼ିଶାରେ ଦୁଗ୍ଧ ବିକାଶ ମାଧ୍ୟମରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ। ଏହି ବୈଠକରେ ଶ୍ରମ, କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଢ଼ା ଯାଇଥିବା ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ବର୍ତ୍ତମାନ ସରକାର ଦାଦନ ଶ୍ରମିକ ଜନିତ ସମସ୍ୟାକୁ ଗୁରୁତ୍ୱର ସହ ନେଉଛନ୍ତି । ଦାଦନ ପ୍ରବଣ ପ୍ରତ୍ୟେକଟି ଜିଲ୍ଲାର କାରଣ ଭିନ୍ନ ଭିନ୍ନ ଅଟେ। ଏହାକୁ ବିଶ୍ଳେଷଣ କରି ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଗୋପାଳନ କରି ସେଥିରୁ ଦୁଗ୍ଧ ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଉତ୍ପାଦ ଉତ୍ପାଦନ କରି ଗ୍ରାମୀଣ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିହେବ। ବିଶେଷକରି ମହିଳାଙ୍କୁ ସ୍ୱାବଲମ୍ବୀ କଲେ ଓ ସେମାନଙ୍କୁ ବର୍ଷ ତମାମ ରୋଜଗାରର ଉତ୍ସ ଯୋଗାଇପାରିଲେ ଦାଦନ ଶ୍ରମିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା। ସରକାରୀ ଯୋଜନାର ପ୍ରଣୟନ ସହିତ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଏସବିଏମ୍ ଆଡ଼ଭାଇଜର କମ୍ପାନୀର ପ୍ରତିନିଧି ଅନୁରୋଧ କରିଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଶ୍ରୀମତୀ ଚିତ୍ରା ଅରୁମୁଗମ୍, ସୁରେଶ କୁମାର ବଶିଷ୍ଠ, ଏସ ଏନ ଗିରୀଶ, କୃଷି ବିଭାଗ, ଶ୍ରମ ବିଭାଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ବାଇକ୍ ଚୋରି ଯୋଜନା ପଣ୍ଡ: ନାବାଳକ ଗିରଫ

ଯୋଡ଼ା,୨୩/୪(ନି. ପ୍ର): ସୀମାନ୍ତ ବଲାଣି ଖଣି କ୍ଷେତ୍ରରେ କିଛି ଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇଛନ୍ତି ଅଳ୍ପ ବୟସ୍କ ଚୋର । ତେବେ ସୋମବାର ବିଳମ୍ବିତ ରାତିରେ ଗୁରୁଦ୍ୱାରା ନିକଟରେ ଥିବା ରିତେଶ କୁମାର ଜୟସ୍ୱାଲଙ୍କ ଘର ବାହାରେ ଛିଡ଼ା ହୋଇଥିବା ଏକ ମୋଟର ସାଇକେଲକୁ ଚୋରି କରିବାକୁ ଯାଇ ଉକ୍ତ ମୋଟର ସାଇକେଲରେ ଚାବି ପୁରାଇ ଚୋରି ଉଦ୍ୟମ କରୁଥିବା ସମୟରେ ଚାବି ଭାଙ୍ଗି ଯିବାରୁ ଉକ୍ତ ଚୋରି ଉଦ୍ୟମ ପଣ୍ଡ ହୋଇଯାଇଥିଲା । ସକାଳେ ରିତେଶ ନିଜ ସିସି ଟିଭି ଫୁଟେଜ ଯାଂଚ୍ କରିବା ବେଳେ ଏହି ଘଟଣା ଜଣାପଡିଥିବା ବେଳେ ଏହି ଫୁଟେଜକୁ ସ୍ଥାନୀୟ ପୁଲିସକୁ ଯାଂଚ୍ କରିବାକୁ ଦେବା ସହିତ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସେଠାରୁ ଏହି ଯୁବ ଚୋର ନିରାଶ ହେବା ପରେ ଘଟଣାସ୍ଥଳରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ଜୋତା ଦୋକାନର ଗୋଦାମ ଗୃହର ତାଲା ଭାଙ୍ଗି ଚୋରି କରିବାରେ ସକ୍ଷମ ହୋଇଛି । ସେଠାରୁ ସେ ପ୍ରାୟ ୫ ହଜାର ଟଙ୍କାର ଜୋତା ଚୋରି କରିନେଇଥିବା ଜୋତା ଦୋକାନର ମାଲିକ ଅଫତାବ ଅହମଦ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଉକ୍ତ ଚୋରିରେ ସମ୍ପୃକ୍ତ ଯୁବକଙ୍କ ଘରୁ ଦୁଇ ହଳ ଜୋତା ନିଜେ ଉଦ୍ଧାର କରିଛନ୍ତି । ଏହି ଘଟଣାରେ ସ୍ଥାନୀୟ ପୁଲିସ ବିଭିନ୍ନ ସିସି ଟିଭି ଫୁଟେଜ ଯାଂଚ୍ କରିବା ପରେ ବଲାଣି ଖଣିର ଆବାସିକ କଲୋନୀରେ ରହୁଥିବା ଜଣେ ନାବାଳକକୁ ଗିରଫ କରିବା ସହିତ ଲିଖିତ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ଲବ ବୋଡା କହିଛନ୍ତି । ତେବେ ଏହି ଖଣି କ୍ଷେତ୍ରରେ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ବେଆଇନ ଭାବରେ ଗଞ୍ଜେଇ, ମଦ ଓ ଅନ୍ୟାନ୍ୟ ବିଭିନ୍ନ ନିଶାଦ୍ରବ୍ୟ ଅତି ସହଜରେ ମିଳିଯାଉଥିବା ବେଳେ ଯୁବପିଢି ଏହାର ବଶବର୍ତ୍ତୀ ହୋଇ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ହେଉଛନ୍ତି। ଯଦି ଏନେଇ ଅବକାରୀ ବିଭାଗ ବେଆଇନ ନିଶାଦ୍ରବ୍ୟ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଖଣି ଅଂଚଳରେ ଅନେକ ମାତ୍ରାରେ ଅପରାଧିକ ମାମଲା ଉପରେ ନିୟନ୍ତ୍ରଣ କରି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ନବଯୁଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ




ବାରିପଦା, ୨୩/୪ (ନି.ପ୍ର): ସ୍ଥାନିୟ ପୋଡା ଅସ୍ତିଆଠାରେ ଥିବା ନବଯୁଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଆଇନଜୀବି ତଥା ସମାଜସେବୀ ଅଶ୍ୱିନୀ କୁମାର ମହାନ୍ତଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ "ପ୍ରତିଶ୍ରୁତି" ପତ୍ରିକାର ସମ୍ପାଦକ ବରିଷ୍ଠ ସାହିତ୍ୟିକ ଓ ଜଗନ୍ନାଥ ସଂସ୍କୃତିର ଗବେଷକ ଭାଗବତ ପଣ୍ଡା ମୁଖ୍ୟ ଅତିଥି, ସମାଜସେବୀ ତଥା ସାମ୍ବାଦିକ କାଶୀନାଥ ସିଂ, ମୁଖ୍ୟବକ୍ତା ତଥା ସୁନାରାମ ମହାନ୍ତ ଓ ସୁମନ୍ତ କୁମାର ମହାନ୍ତ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଣ୍ଡା ଉତ୍ତମ ପରିବେଶ ହିଁ ଛାତ୍ର ଛାତ୍ରୀଙ୍କୁ ସଫଳ ମଣିଷ କରିବାରେ ସହାୟକ ହୋଇଥାଏ ବୋଲି କହିବା ସହିତ ସତ୍ୟବାଦତା, ନିର୍ଭୀକତା ଓ ଏକାଗ୍ରତା ଗୁଣ ଗୁଡିକ ପିଲାଙ୍କ ଜୀନବ ନିର୍ମାଣ କରି ସାର୍ଥକ ମଣିଷ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଶ୍ରୀଯୁକ୍ତ ସିଂ ଛାତ୍ର ଛାତ୍ରୀମାନଙ୍କର ନୈତିକ ଓ ଶୃଙ୍ଖଳିତ ଜୀବନ ହିଁ ଅନ୍ୟମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଥାଏ ବୋଲି ଉଲ୍ଲେଖ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠତା ସମ୍ପାଦକ ଆଶିଷ କୁମାର ମହାନ୍ତି ନୃତ୍ୟ ସଂଗୀତ ପ୍ରଭୃତି କଳାତ୍ମକ କାର୍ଯ୍ୟକ୍ରମ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଘଟାଏ ବୋଲି ବକ୍ତବ୍ୟରେ କହିଥିଲେ । ବିଦ୍ୟାଳୟର ପ୍ରଧାନ ଗୁରୁମା ଅର୍ଚ୍ଚନା ସିଂ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଅନ୍ୟତମ ଗୁରୁମା କୁଞ୍ଜଲତା ସିଂ ମଞ୍ଚାସିନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ରୂପମ୍ ରାମ ଓ ସଞ୍ଜୟ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ପରିଶେଷରେ ସମ୍ପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପଶୁ ପକ୍ଷୀଙ୍କ ପାଇଁ ସାହାରା ହେଲେ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ



ବାଲିଆପାଳ , ୨୩/୪ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ସାଳମୁଳା ଜଙ୍ଗଲରେ ପଶୁ,ପକ୍ଷୀ,କୀଟ ପତଙ୍ଗ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ବାଲିଆପାଳ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ । ଧୀରେ ଧୀରେ ତାପମାତ୍ରା ବଢୁଥିବାରୁ ମଣିଷ ପାଇଁ ପାଣି ସମସ୍ୟା ସୃଷ୍ଟି ହେଉଥିବା ର ପ୍ରତେକ ଦିନ ଅଭିଯୋଗ ହେଉଛି । ମାତ୍ର ଜଙ୍ଗଲରେ ରହୁଥିବା ପଶୁ ପକ୍ଷୀ ମାନେ ଖାଇବା ପାଇଁ ଖାଦ୍ୟ ଓ ପିଇବା ପାଇଁ ପାଣି ଗ୍ରୀଷ୍ମ ଦିନରେ ସମସ୍ୟା ଦେଖାଯାଏ କିନ୍ତୁ ଏମାନେ କାହା ପାଖରେ ଅଭିଯୋଗ କରିବେ,ଏମାନଙ୍କର ଅଭିଯୋଗ ଶୁଣିବ କିଏ । ବର୍ତ୍ତମାନ ମଣିଷ ପାଖରେ ଟିକିଏ ସମୟ ନାହିଁ କାହାରି କଥା ଶୁଣିବାକୁ, ବ୍ୟସ୍ତ ବହୁଳ ସମୟରୁ କିଛି ସମୟ ବାହାର କରି ନିଜ ଘର ଛାତ ଉପରେ କିମ୍ବା ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ତରଫରୁ ଜଙ୍ଗଲରେ ରହୁଥିବା ପଶୁ ପକ୍ଷୀ ମାନଙ୍କ ପାଇଁ କିଛି ଖାଦ୍ୟ ସହିତ ପାଣିର ବ୍ୟବସ୍ଥା କରିଛନ୍ତି । ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ରେ ସଭାପତି ଶିବଶଙ୍କର ନାୟକ ,ଉପସଭାପତି ଜ୍ୟୋତିର୍ମୟୀ ପାତ୍ର , ସଂପାଦକ ସନାତନ ଗଙ୍ଗାଇ ଏବଂ ସମସ୍ତ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ରେ ସଦସ୍ୟ ମାନେ ଏଣେତେଣେ ପଡ଼ିଥିବା ପାଣି ବୋତଲ କୁ ଗୋଟାଇ ଆଣି ସେଥିରେ ପକ୍ଷୀ ମାନଙ୍କ ପାଣି ପିଇବା ପାଇଁ ବ୍ୟବସ୍ଥା କରାଇଥିଲେ ।

# କାଶ୍ମୀର ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦରେ ଶୋଭାଯାତ୍ରା



ବାସୁଦେବପୁର, ୨୩/୪ (ନି.ପ୍ର): ବାସୁଦେବପୁର ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ କାଶ୍ମୀର ରେ ପର୍ଯ୍ୟଟକଙ୍କୁ ହତ୍ୟା ଓ ନର ସଂହାର ବିରୁଦ୍ଧରେ ବାସୁଦେବପୁର ସହରରେ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ମହମ ବତୀ ଶୋଭାଯାତ୍ରା ଜାତୀୟ କବି ବାଞ୍ଛାନିଧି ମହାନ୍ତି ଗୋଲେଇ, ବ୍ଲକ୍ ରୋଡ ଓ ପୌର ପାଳିକା ଛକ ପରିକ୍ରମା କରିଥିଲା । ଏହି ପ୍ରତିବାଦ ଶୋଭାଯାତ୍ରାରେ ମଧୁସୂଦନ ପାଢ଼ୀ, ଜୟ ପ୍ରକାଶ ମଲ୍ଲିକ, ରଶ୍ମି ରଞ୍ଜନ ପଲାଇ, ପ୍ରତାପ ପାଢ଼ୀ, ସୂର୍ଯ୍ୟୋଦୟ ବିଶ୍ୱାଳ, ରଞ୍ଜନ ମଲ୍ଲିକ, ରାଧାଶ୍ୟାମ ମହାନ୍ତି, ଅଲେଖ ପରିଡା, ପ୍ରଦୀପ ସାହୁ, ହେମନ୍ତ ମହାରଣା ଓ ଅନ୍ୟାନ୍ୟ ଦେଶ ପ୍ରେମୀ ବନ୍ଧୁ ଗଣ ଯୋଗ ଦେଇଥିଲେ । ସମସ୍ତେ ହିନ୍ଦୁ ହିନ୍ଦୁ ଭାଇ ଭାଇ, ହିନ୍ଦୁ ସୁରକ୍ଷା ଆମର ଦାବୀ, ଭାରତ ମାତା କି ଜୟ, ପାକିସ୍ଥାନ ମୁର୍ଦ୍ଦା ବାଦ , ବନ୍ଦେ ମାତରଂ ସ୍ଲୋଗାନ ଦେଇଥିଲେ ।

# ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ନିହତମାନଙ୍କ ପାଇଁ ବସ୍ତାରେ ଶ୍ରଦ୍ଧାଞ୍ଜଳି ସଭା




ବସ୍ତା, ୨୩/୪ (ନି.ପ୍ର): ଜମ୍ମୁ ଓ କାଶ୍ମୀରର ପହଲଗାମ୍ ପର୍ଯ୍ୟଟନସ୍ଥଳୀରେ ମଙ୍ଗଳବାର ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣରେ ପ୍ରାଣହରାଇଥିବା ୨୮ଜଣ ନିରିହ ଭାରତୀୟଙ୍କୁ ଗୋ ସେବା ଓ ସୁରକ୍ଷା ସମିତି ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ବସ୍ତା ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ସମିତିର ଆବାହକ ମାନସ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ୨୮ଟି ପ୍ରଦୀପ ଜାଳି ଶହୀଦମାନଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା । ଭାରତ ସମସ୍ତ ଧର୍ମକୁ ସମାନ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଆତଙ୍କବାଦୀ ମାନେ ପର୍ଯ୍ୟଟକମାନଙ୍କ ଧର୍ମର ପ୍ରମାଣ ଖୋଜି ଗୁଳି କରି ହତ୍ୟା କରିବା ଏକ ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ ଘଟଣା ବୋଲି ମତବ୍ୟକ୍ତ କରାଯାଇଥିଲା । ଭାରତ ସରକାର ଏଭଳି ଲୋମହର୍ଷଣକାରୀ ଘଟଣା ଘଟାଇଥିବା ଆତଙ୍କବାଦୀମାନଙ୍କୁ ମୂଳପୋଛ କରିବା ପାଇଁ ସମିତିର ସଦସ୍ୟମାନେ ଦୃଢ଼ ଦାବୀ କରିଥିଲେ । ଓଡ଼ିଶାର ବାଲେଶ୍ୱର ନିବାସୀ ପ୍ରଶାନ୍ତ ଶତପଥୀ ତାଙ୍କ ସ୍ତ୍ରୀ ଓ ସନ୍ତାନଙ୍କ ସାମ୍ନାରେ ଗୋଳିବିଦ୍ଧ ହୋଇ ମୃତ୍ୟୁବରଣ କରିବା ଏକ ହୃଦୟବିଦାରକ ଘଟଣା ଏବଂ ଏହି ଦୁଃଖଦ ଘଟଣାକୁ ସାମ୍ନା କରିବା ପାଇଁ ଭଗବାନ ପରିବାକୁ ସାମର୍ଥ୍ୟତା ପ୍ରଦାନ କରନ୍ତୁ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗୋ ସେବା ଓ ସୁରକ୍ଷା ସମିତିର ସୂର୍ଯ୍ୟ ନାରାୟଣ ସାହୁ, ବିଶିଷ୍ଟ ସମାଜସେବୀ ଶ୍ୟାମା ପ୍ରସାଦ ବେହେରା,ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ପଣ୍ଡା, ନିହାର ରଞ୍ଜନ ବେହେରା, ପ୍ରକାଶ କୁଣ୍ଡୁ, ଅଭିରାମ ମଲ୍ଲିକ, ଦିଲ୍ଲୀପ ପଣ୍ଡା, ରବି ରାଉଳ, ପ୍ରସନ୍ନ ପଣ୍ଡା, ଦିବାକର ରାଉତ, କରୁଣାକର ପରିଡ଼ା, ବିଶ୍ୱଜିତ୍ ଜେନା, ରାଜେନ୍ ପରିଡ଼ା, କୁମୁଦ ରଞ୍ଜନ ଗିରି, ସରୋଜ ଗିରି, ବିପିନ୍ ବିହାରୀ ସିଂ,ବିଶ୍ୱନାଥ ସିଂ ଙ୍କ ସହିତ ଅଞ୍ଚଳବାସୀ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ଘଟଣାର ସଂପର୍କରେ ନିଜର ଭାବାବେଗ ପ୍ରକାଶ କରିଥିଲେ ।

# ଜୀ ସାର୍ଥକରେ ନୂଆ ଫିଲ୍ମ 'ସୁନାନାକୀ ବୋହୂ' ଆସନ୍ତା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ରେ ପ୍ରସାରଣ




ଭୁବନେଶ୍ୱର, ୨୩/୪ (ନି.ପ୍ର): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଛକ ଓ ବାସ୍ତବବାଦୀ ଚଳଚିତ୍ର ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ଆଗକୁ ଏମିତି ଏକ ମୌଳିକ ବିଷୟବସ୍ତୁ ସହ ରିଲିଜ ହେବାକୁ ଯାଉଛି ଓଡିଆ ଚଳଚିତ୍ର 'ସୁନାନାକୀ ବୋହୂ' । ଯାହାର ପ୍ରଯୋଜକ ଉମେଶ ପଟ୍ଟନାୟକ ଓ ନିର୍ଦ୍ଦେଶକ ରହିଛନ୍ତି ମୃତ୍ୟୁଞ୍ଜୟ ସାହୁ । ସଂଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ, କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଗୀତ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ ,ଉମାକାନ୍ତ ନାୟକ,ନିହାର ପ୍ରିୟାଶିଷ୍ ଓ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା,ଅର୍ପିତା ଚୈଧୁରୀ,ଚିରାଗଦିପ୍ ପଣ୍ଡା । ଏହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଚଳଚିତ୍ର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ । ଦୁଇ ଗାଁ ମଧରେ ଏକ ପୁରୁଣା ବିବାଦ ଲାଗିରହିଛି ଯେ ପ୍ରତେିକ ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବାପାଇଁ ଉଭୟ ଗାଁ ମଧରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତି ଆସୁଛି , କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହାସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ । ପ୍ରତିଯୋଗିତା ପାଇଁ ଉତ୍ତେଜନା ଖୁବ ବୃଦ୍ଧି ପାଇବା ସମୟରେ ପୁରା ମଧୁପୁର ଚିନ୍ତାରେ । କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବାପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତନ । ତେବେ କ'ଣ ଏହି ପରିବର୍ତନ ? ଦୀର୍ଘ ଦିନର ଶତ୍ରୁତାକୁ କଣ ଠିକ କରାଯାଇପାରିବ ଯାହା ସିନେମା ଦେଖିଲେ ହିଁ ଜଣାପଡିବ । ଏମିତି ଏକ ପ୍ରେମ , ତ୍ୟାଗ , ପରମ୍ପରା ଓ ସାହସିକାତାର କାହାଣୀ 'ସୁନାନାକୀ ବୋହୂ' ଯାହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଯେଉଁଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ସାପଲିନ୍, ନିକିତା ମିଶ୍ର,ପୃଥ୍ୱୀରାଜ ନାୟକ ଓ ପୁଷ୍ପା ପଣ୍ଡା । ତେବେ ଏହି ଚଳଚିତ୍ରର ଯାତ୍ରା ସହିତ ନିଜକୁ ସାମିଲ କରିବାକୁୟ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୨୩/୪ (ନି.ପ୍ର): ହାତିଆ ଡିହା ଶିବ ମୁନି ଯୋଗ ଶିକ୍ଷାକେନ୍ଦ୍ରରେ, ମୁନିମଳୟ ବିଶ୍ୱାଳ, ମୁନିମତୀ ରୀତା ବିଶ୍ୱାଳଙ୍କ ସୁପୁତ୍ର ମୁନି କୁମାର ଅକ୍ଷୟ କୁମାରଙ୍କର ୨୧ତମ ଶୁଭ ଜନ୍ମଦିନ, ମୁନି ସମାଜର ଜ୍ୟୋତି,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନିଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟବକ୍ତା ଥିଲେ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ମୁଖ୍ୟ ଅତିଥି ଥିଲେ, କୋଷାଧ୍ୟକ୍ଷ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତାଥିଲେ ବରିଷ୍ଠ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ପ୍ରଥମେ ସମୂହ ପ୍ରତିବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ, ଅକ୍ଷୟଙ୍କୁ ସମୂହ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନଯାପନ ସହିତ ତାଙ୍କର ଉଜ୍ଜ୍ୱଳ ଉଶଷ୍ୟତର ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ,ଆଇ ମୁନିରାଣ୍ଡୀ ବିମଳାଲେଙ୍କା, ସୁମତୀଦଳାଇ, ବାସନ୍ତୀ ମାହାଳିକ,ଶକୁନ୍ତଳା ପରିଡା, ସରସ୍ୱତୀ ନନ୍ଦ, ମାତା ମୁନିମତୀ ରୀତା ବିଶ୍ୱାଳ ପିତା ମୁନି ମଳୟ ବିଶ୍ୱାଳ, କନକଲତା ମହାପାତ୍ର, ଲକ୍ଷ୍ମୀ ମଣୀ ପ୍ରଧାନ, ଜୟନ୍ତୀ ଗିରି,ଆରତୀ ଗିରି, ଉର୍ମିଳା ରାଉଳ, ମୁନି ଅନମ ମୁର୍ମୁ, ମୁନି ଜଗଦୀଶ ପରିଡା, ମୁନିରାଜ ସୁବଳ ବଡେଇ ପ୍ରମୁଖ । ଶେଷରେ ଆଇ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପ୍ରଧାନମନ୍ତ୍ରୀଙ୍କ ବାସଭବନରେ...

ହମଲା, ଯେଉଁଥିରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ଜୀବନ ହାନି ହୋଇଥିଲା, ତା' ପରେ ଭାରତ ସରକାର ପାକିସ୍ତାନ ବିରୁଦ୍ଧରେ ଏକ ଐତିହାସିକ ଓ କଡ଼ା ନିଷ୍ପତ୍ତି ଘୋଷଣା କରିଛନ୍ତି । ଭାରତରେ ରହୁଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୁଧବାର ସନ୍ଧ୍ୟାରେ କ୍ୟାବିନେଟ କମିଟି ଅନ୍ ସିକ୍ୟୁରିଟି ବୈଠକ ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଗରଇ) ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛି । ମନ୍ତ୍ରଣାଳୟ କହିଛି ଯେ, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଏବଂ ପହଲଗାମ୍‌ରେ ହୋଇଥିବା ନୃଶଂସ ହମଲା ପରେ ଏହା ଏକ ଆବଶ୍ୟକୀୟ ପଦକ୍ଷେପ । ଏହା ସହିତ ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ରଦ୍ଦ କରାଯାଇଛି ଏବଂ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନୂଆ ଭିସା ଜାରି ଉପରେ ରୋକ ଲଗାଯାଇଛି । ପାକିସ୍ତାନ ଉପରେ ହେବ କି ବଡ଼ କାର୍ଯ୍ୟାନୁଷ୍ଠାନ ? ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ହମଲା ପରେ ଆଜି ବଡ଼ ବୟାନ ରଖିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । ପହଲଗାମ୍? ଆତଙ୍କବାଦୀ ଆକ୍ରମଣକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିନ୍ଦା କରିଛନ୍ତି । ସେ ଦେଶବାସୀଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବେ । କେବଳ ଦୋଷୀମାନେ ନୁହନ୍ତି, ପରଦା ପଛରେ ଥିବା ଲୋକମାନଙ୍କୁ ବି ଛଡ଼ାଯିବ ନାହିଁ । ଆତଙ୍କ ଦ୍ୱାରା ଭାରତକୁ ଭୟଭୀତ କରାଇ ପାରିବେନି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆହୁରି କହିଛନ୍ତି, 'ପହଲଗାମରେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଏକ କାପୁରୁଷୋଚିତ କାର୍ଯ୍ୟ କରିଛନ୍ତି, ଯେଉଁଥିରେ ଅନେକ ନିର୍ଦ୍ଦୋଷ ଲୋକଙ୍କ ଜୀବନ ଯାଇଛି । ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ମୋର ସମବେଦନା ପ୍ରକାଶ କରୁଛି । ଆତଙ୍କବାଦ ପ୍ରତି ଆମର ଶୂନ୍ୟ ସହନଶୀଳନା ନୀତି ଅଛି । ମୁଁ ଦେଶବାସୀଙ୍କୁ ଆଶ୍ୱସ୍ତି ଦେବାକୁ ଚାହୁଁଛି ଯେ ସରକାର ପ୍ରତ୍ୟେକ ଆବଶ୍ୟକୀୟ ପଦକ୍ଷେପ ନେବେ । ଆମେ କେବଳ ଏହି କାର୍ଯ୍ୟର ଷଡ଼ଯନ୍ତ୍ରକାରୀଙ୍କ ପାଖରେ ପହଞ୍ଚିବୁ ନାହିଁ, ବରଂ ପରଦା ପଛରେ ଥିବା ଲୋକଙ୍କ ପାଖରେ ମଧ ପହଞ୍ଚିବୁ । ଏହି ଆକ୍ରମଣରେ ଥିବା ଅଭିଯୁକ୍ତମାନେ ଖୁବଶୀଘ୍ର ଏକ ଦୃଢ଼ ଏବଂ ସ୍ପଷ୍ଟ ଉତ୍ତର ପାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଆଜି ସିସିଏସ୍ ବୈଠକ ପରେ ପ୍ରେସ୍‌ମିଟ୍ କରି ପାକିସ୍ତାନ ଉପରେ କଟକଣା ଲଗାଇଛି ଭାରତ । ଏହାପରେ ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି କେନ୍ଦ୍ର ସରକାର । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ବୈଠକର ଅଧକ୍ଷତା କରିବେ । ପହଲଗାମ ଆତଙ୍କୀ ହମ୍‌ଲାକୁ ନେଇ ବସିବ ସର୍ବଦଳୀୟ ବୈଠକ । ସର୍ବଦଳୀୟ ବୈଠକରେ ଅନ୍ୟ ରାଜନୈତିକ ଦଳଗୁଡ଼ିକ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ଓ ପାକିସ୍ତାନ ଉପରେ ଆହୁରି କାର୍ଯ୍ୟାନୁଷ୍ଠାନ ନେଇ ପାରନ୍ତି କେନ୍ଦ୍ର ସରକାର ।

### ଜଳୁଛି ସାରା ଓଡିଶା...

ସୁନ୍ଦରଗଡ ଓ ବଲାଙ୍ଗୀର ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଗ୍ରୀଷ୍ମ ପ୍ରବାହକୁ ନେଇ ଆସନ୍ତାକାଲି ଗୁରୁବାର ପାଇଁ ବୌଦ୍ଧ, ସୁନ୍ଦରଗଡ, ସମ୍ବଲପୁର, ବରଗଡ଼,ବଲାଙ୍ଗୀର, ଓ ସୋନପୁର ଏହି ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । କଳାହାଣ୍ଡି ଅନୁଗୁଳ ନୂଆପଡା ଓ ଦେଓଗଡକୁ ହିଟ ୱେଭ ପାଇଁ ୟେଲୋ ବର୍ଣ୍ଣିଙ୍ଗ ଜାରି । ଏହାସହ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା,ଯାଜପୁର, କଟକ, ଜଗସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ,ଗଞ୍ଜାମ, କେନ୍ଦୁଝର, ଢେଙ୍କାନାଳ ଓ ଗଜପତି ଆଦି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଉଷ୍ମ ରାତ୍ରି ପାଇଁ ସମ୍ବଲପୁର ସୁନ୍ଦରଗଡ ଓ ବଲାଙ୍ଗୀର ପାଇଁ ଅରେଞ୍ଜ ସହ ମୟୁରଭଞ୍ଜ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୬ ତାରିଖ ଯାଏ ଅସମ୍ଭାଳ ଗରମ ସହ ଗୁଳୁଗୁଳି ଜାରି ରହିବା ସହ ଆଗାମୀ ୩ ଦିନ ଯାଏ ୨ ରୁ ୪ ଡିଗ୍ରି ଯାଏ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୨୭ ପରେ ପାଗରେ ପରିବର୍ତନ ସହ ପୁଣି କାଳବୈଶାଖୀ ବର୍ଷାର ସମ୍ଭାବନା ଅଛି । ଗତ ୨୪ ଘଣ୍ଟାରେ ୫ ଟି ସ୍ଥାନରେ ୪୪ ଡିଗ୍ରି ଉପରେ ତାପମାତ୍ରା ରହିଥିବା ବେଳେ ଝାରସୁଗୁଡାରେ ସର୍ବାଧିକ ୪୬.୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି କିଛି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ବେଳେ କୋରାପୁଟର ସିମିଲିଗୁଡାରେ ସର୍ବାଧିକ ୨୨.୦୦ ମିମି ବର୍ଷା ରେକର୍ଡ କରାଯାଇଛି ।

### ରାଜ୍ୟ କ୍ୟାବିନେଟରେ...

ଏହାସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୨୪ଟି ନୂଆ ପଦବୀ ସୃଷ୍ଟି, ଆନନ୍ଦପୁର ମେଗା ଜଳସେଚନ ପ୍ରକଳ୍ପ ପାଇଁ ୧୦୮କୋଟି ଟଙ୍କା ମଞ୍ଜୁରୀ, ଅଙ୍ଗନବାଡ଼ି ସୁପରଭାଇଜର ପଦବୀରେ ଚୟନଭିତ୍ତିକ ନିଯୁକ୍ତି ନିମନ୍ତେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ନାତକ ଡିଗ୍ରୀ ହାସଲ କରିବା ଜରୁରୀ ବୋଲି ଆଗତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହାସହିତ ଅବକାରୀ କନେଷ୍ଟବଲଙ୍କ କ୍ୟାଡ଼ରକୁ ଡିଭିଜିନାଲ କ୍ୟାଡ଼ରରୁ ଜିଲ୍ଲା କ୍ୟାଡ଼ରରେ ପରିବର୍ତ୍ତନ ଏବଂ ଓଡ଼ିଶା ଅବକାରୀ ନିୟମରୁ ଏକ୍ସ୍ରା ଆୱାର ଅପରେସନ୍ ଫି'କୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୱେରୀ ୟୁନିଟଗୁଡ଼ିକ ନିମନ୍ତେ ଛାଡ଼ କରିବା ପ୍ରସ୍ତାବକୁ ମଧ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଓଡ଼ିଶା ଲୋୟାର ଏକ୍ସାଇଜ ସର୍ଭିସ (ସଂଶୋଧନ) ନିୟମ, ୨୦୨୫ । ଅବକାରୀ କନେଷ୍ଟବଲ କ୍ୟାଡରକୁ ବିଭାଗୀୟ (ଡିଭିଜନାଲ) ସ୍ତରରୁ ଜିଲ୍ଲା (ଡିଷ୍ଟ୍ରିକ୍ଟ) ସ୍ତରକୁ ପରିବର୍ତ୍ତନ କରିବା ପାଇଁ 'ଓଡ଼ିଶା ଲୋୟାର ଏକ୍ସାଇଜ ସର୍ଭିସ (ନିଯୁକ୍ତି ଓ ସେବା ସର୍ତ୍ତ) ସଂଶୋଧନ ନିୟମ, ୨୦୨୫' ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୨୦୨୩ ନିୟମାବଳୀରେ ଜିଲ୍ଲା କ୍ୟାଡର ଅନୁଯାୟୀ ନିଯୁକ୍ତି ଓ ସେବା ପରିଚାଳନାକୁ ସୁଗମ କରିବା ପାଇଁ କେତେକ ନିୟମ ସଂଶୋଧନ କରିଯାଇଛି । ଏହା ସହିତ, ଓଡ଼ିଶା ଏକ୍ସାଇଜ ନିୟମ, ୨୦୧୭ର ନିୟମ ୭୯କୁ ଓଡ଼ିଶା ଏକ୍ସାଇଜ ଆଇନ, ୨୦୦୮ର ଧାରା ୯୦ ଅନୁଯାୟୀ ସଂଶୋଧନ କରାଯାଇଛି । ଏହି ସଂଶୋଧନ ଅନୁଯାୟୀ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୟୁଅରୀ ୟୁନିଟ୍ ?ଗୁଡ଼ିକ ପାଇଁ ଅତିରିକ୍ତ ଘଣ୍ଟା ପରିଚ ୟୁନିଟ୍ ପରିଚାଳନା ଫି'ରୁ ଛାଡ଼ ଦିଆଯାଇଛି । ଏହା ବ୍ୟବସାୟର ସୁଗମତାକୁ ପ୍ରୋତ୍ସାହନ ଦେବ, ଉତ୍ପାଦନ କ୍ଷମତା ବୃଦ୍ଧି କରିବ, ନିବେଶ ଆକର୍ଷଣ କରିବ ଏବଂ ରାଜ୍ୟରେ ରୋଜଗାର ସୁଯୋଗ ସୃଷ୍ଟି କରିବ । ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଯୋଜନା । ରାଜ୍ୟ କ୍ୟାବିନେଟ୍ ଆଇପିଟିଏଚଏଚଏସ-ଫେଜ୍ -୨ ଅଧୀନରେ 'ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ' ଯୋଜନାକୁ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିଛନ୍ତି । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଜାତୀୟ ଆମ୍ବୁଲାନ୍ସ ସେବା ଅଧୀନରେ ଏହି ଯୋଜନା ୫ ମାର୍ଚ୍ଚ ୨୦୧୩ରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି । ୧୦୮ ସେବା ମାଧମରେ ରାଜ୍ୟର ଜନତାଙ୍କୁ ମାଗଣାରେ ଜରୁରୀକାଳୀନ ପ୍ରାକ୍-ହସ୍ପିଟାଲ ଚ୧୨ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଏହି ଯୋଜନା ମାଧମରେ ପ୍ରତିବର୍ଷ ପ୍ରାୟ ୧୧-୧୨ ଲକ୍ଷ ଜରୁରୀ ରୋଗୀ (ଗର୍ଭବତୀ ମହିଳା ଓ ଶିଶୁ ସମେତ)ଙ୍କୁ ୨୦ ମିନିଟ୍ ମଧରେ ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି । ଏହି ସେବା ଏକ ଘରୋଇ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି, ଯାହାଙ୍କୁ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧମରେ ମନୋନୀତ କରାଯାଇଛି । ପ୍ରକଳ୍ପର ଅର୍ଥନୀତି ରିମ୍ବର୍ସମେଣ୍ଟ ଆଧାରିତ ଚୁକ୍ତି ଅନୁଯାୟୀ ପରିଚାଳିତ ହେଉଛି । ୫ ବର୍ଷ ପାଇଁ ମୋଟ ୨୩୯୮. ୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫ । ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫କୁ ଅନୁମୋଦନ କରିଛନ୍ତି । ଏହି ସଂଶୋଧନ ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଜୁନିୟର ଗ୍ରେଡ୍ ସେବାରେ(ସୁପରଭାଇଜର) ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ପରିବର୍ତ୍ତନ କରାଯାଇଛି । ୧୯୮୯ ନିୟମାବଳୀ ଅନୁଯାୟୀ ପୂର୍ବରୁ ହାଇସ୍କୁଲ ସାର୍ଟିଫିକେଟ ବା ସମକକ୍ଷ ଯୋଗ୍ୟତା ଆବଶ୍ୟକ ଥିଲା । ନୂଆ ନିୟମ ଅନୁଯାୟୀ ନୂତନ ଅଙ୍ଗନୱାଡ଼ି କର୍ମୀମାନଙ୍କୁ କୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ (ଗ୍ରାଜୁଏସନ) ବା ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେବ । ତେବେ, ଏହି ନୂଆ ନିୟମ ବର୍ତ୍ତମାନର ଅଙ୍ଗନୱାଡ଼ି କର୍ମୀମାନଙ୍କ ଉପରେ ଲାଗୁ ହେବ ନାହିଁ । ସେମାନେ ପୂର୍ବ ଯୋଗ୍ୟତା ( ଆଧାରରେ ନିଯୁକ୍ତି ପାଇଁ ବିବେଚିତ ହେବେ । ଏହି ପରିବର୍ତ୍ତନ ଟେକ୍ନୋଲୋଜି, ଆଇଟି ଓ ବୈଜ୍ଞାନିକ ପଦ୍ଧତିର ବୃଦ୍ଧି ସହିତ ଶିଶୁ ଯତ୍ନ ଓ ଗର୍ଭାବସ୍ଥା ପରିଚାଳନାରେ ଉନ୍ନତ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛି । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କ କଲ୍ୟାଣ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା କଲ୍ୟାଣ ସେବା ଓ ଓଡ଼ିଶା ସବଅର୍ଡିନେଟ୍ କଲ୍ୟାଣ ସେବା କ୍ୟାଡରର ପୁନର୍ଗଠନ ଅନୁମୋଦିତ ହୋଇଛି । ନୂଆ ଯୋଜନା, ଆଇଟିଡିଏ, ମାଇକ୍ରୋ ପ୍ରୋଜେକ୍ଟ, ଆବାସିକ ବିଦ୍ୟାଳୟ ଓ ହଷ୍ଟେଲ ପରିଚାଳନା ପାଇଁ ଅଧିକ ଅଧିକାରୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ।

### ପୁଣି ତେଜିଲା ୱାକଫ...

ତେଣୁ ସେ ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେବେ । ଆଉ ସେଇଆ ବି କଲେ । ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେଲେ । ଯାହା ପରେ ବିବାଦ ଆରମ୍ଭ ହୋଇଥିଲା । ସସ୍ମିତଙ୍କୁ ଦଳରେ ବିରୋଧ କରାଯାଇଥିଲା । ଏପରିକି ସସ୍ମିତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ନବୀନଙ୍କ ପାଖକୁ ବିଜେଡିର ବରିଷ୍ଠ ନେତା ଚିଠି ଲେଖିଥିଲେ । ବିଜେଡି ରାଜ୍ୟସଭା ସାଂସଦ ମୁନା ଖାନ୍ ମଧ ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ନବୀନଙ୍କୁ ଭେଟିଥିଲେ ।

### ପ୍ରତିଷ୍ଠା ହେବ ୫...

ସହ ଦଣ୍ଡ ବିଧାନ ହାର ବଢିବ । ପ୍ରାରମ୍ଭିକ ଭାବେ ୫ ଟି ଏବଂ ପରେ ଏହି ସଂଖ୍ୟା ବୃଦ୍ଧି କରାଯିବ । ଏହା ବାଦ ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି । ଗ୍ରାମ୍ୟ କୋର୍ଟ ମଧ ସରକାର ପ୍ରତିଷ୍ଠା କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରିଛନ୍ତି ।

### ଜିଡିଏସ ନିଯୁକ୍ତି ଠକେଇ...

ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ତିଆରି କରିବାରେ ନିୟୋଜିତ ଥିବା ଅଭିଯୁକ୍ତଙ୍କ ଘରକୁ ଟାର୍ଗେଟ କରାଯାଇଛି । ଏହି ତଲାସୀ ସମୟରେ ଠକେଇ କାର୍ଯ୍ୟକଳାପ ସମ୍ପର୍କିତ ଅନେକ ଅପରାଧିକ କାଗଜପତ୍ର ଏବଂ ଲେଖା ଉଦ୍ଧାର କରାଯାଇଛି । ଏହି ମାମଲାରେ, ସିବିଆଇ ୩୦ ଡିସେମ୍ବର ୨୦୨୪ରେ ୫୫ ଜଣ ପ୍ରାର୍ଥୀ ଏବଂ ତିନି ଜଣ ମଧ୍ୟସ୍ଥି ସମେତ ୫୮ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିସାରିଛି । ଠକେଇର ସମ୍ପୂର୍ଣ୍ଣ ପରିମାଣ ସମ୍ପର୍କରେ ଜାଣିବା ପାଇଁ ଠକେଇରେ ଜଡିତ ବାକି ପ୍ରାର୍ଥୀ ଏବଂ ମାର୍କ ସିଟ୍ ଏବଂ ସାର୍ଟିଫିକେଟ୍ ଜାଲିଆତି ପଛରେ ଥିବା ମାଷ୍ଟରମାଇଣ୍ଡମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ।

# ପହେଲଗାମରେ ପର୍ଯ୍ୟଟକଙ୍କୁ ଗଣ ହତ୍ୟା ନିନ୍ଦନୀୟ : ଓୟୁଜେ

ବାଲେଶ୍ୱର, ୨୩/୪ (ନି.ପ୍ର): ଜମ୍ମୁକାଶ୍ମୀରର ପହେଲଗାମରେ ପର୍ଯ୍ୟଟକ ମାନଙ୍କୁ ଆତଙ୍କବାଦୀଙ୍କ ଆଖିବୁଜା ଗୁଳିଚାଳନା ସମଗ୍ର ବିଶ୍ୱକୁ ହତ ଚକିତ ଓ ସ୍ତମ୍ଭିଭୂତ କରିଦେଇଛି। ଏହି ସୁପରିକଳ୍ପିତ ନରସଂହାର ରେ ଆମ ଦେଶର ବିଭିନ୍ନ ରାଜ୍ୟରୁ ଯାଇଥିବା ପର୍ଯ୍ୟଟକଙ୍କ ସମେତ ବିଦେଶୀ ପର୍ଯ୍ୟଟକ ମୃତାହତ ହୋଇଛନ୍ତି। ଆମ ବାଲେଶ୍ୱର ଜିଲ୍ଲା ର ସାରଗାଁ ପଞ୍ଚାୟତର ଇଶାଣି ଗ୍ରାମର ପ୍ରଶାନ୍ତ କୁମାର ଶତପଥୀ ପତ୍ନୀ ଓ ପୁଅ ସହ ପହେଲଗାମ ବୁଲିବାକୁ ଯାଇଥିଲେ। ଗତକାଲି ସକାଳେ ଆନନ୍ଦ ର ସହ ସେମାନେ ବୁଲିବା ସହିତ ଅପରାହ୍ନ ରେ ପତ୍ନୀ ଓ ପୁଅଙ୍କ ସାମ୍ନାରେ ଆତଙ୍କବାଦୀ ମାନେ ପ୍ରଶାନ୍ତ ଙ୍କ ସମେତ ଅନ୍ୟ ପର୍ଯ୍ୟଟକଙ୍କୁ ଗୁଳି କରିବା ଭିଡିଓ ର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଓ ମର୍ମସ୍ପର୍ଶୀ। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ସମସ୍ତ ସଦସ୍ୟ ପହେଲଗାମ ରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକ ଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ଜଗନ୍ନାଥ ମହାପ୍ରଭୁ ଶକ୍ତି ସାମର୍ଥ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି ।ଆତଙ୍କବାଦୀ ଙ୍କ ଏହି ବର୍ବୋରୋଚିତ ନରସଂହାର କୁ ସମଗ୍ର ଦେଶବାସୀ ଙ୍କ ସହ ଓୟୁଜେ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଆତଙ୍କବାଦୀ ଆକ୍ରମଣ ପୁଲ୍ୱାମାର ବୀରଯବାନ ଙ୍କୁ କରାଯାଇଥିବା ଆକ୍ରମଣ ସ୍ମୃତିକୁ ମାନସ ପଟରେ ପୁଣି ଉଦ୍ଜିବିତ କରୁଛି। ସେ ଦିନର ବୀର ଯବାନଙ୍କ ସହିଦ ହେବା ଠାରୁ ଏହା କିଛି କମ ନୁହେଁ ବୋଲି ଓୟୁଜେ ପକ୍ଷରୁ ଏକ ପ୍ରେସ ବିବୃତ୍ତି ରେ କୁହାଯାଇଛି। କେନ୍ଦ୍ର ସରକାର ଗୋଇନ୍ଦା ସଂସ୍ଥାକୁ ଅଧିକ ସକ୍ରିୟ , ଉତ୍ତରଦାୟୀ ଓ କ୍ରିୟାଶୀଳ କରିବା ସହିତ ଏହି ଘଟଣାରେ ସଂପୃକ୍ତ ସଂସ୍ଥା ବା ସଂଗଠନ ବିରୁଦ୍ଧରେ ଅତି କଠୋର ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓୟୁଜେ ପକ୍ଷରୁ ଦାବି କରାଯାଇଛିବୋଲି ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଜଣାଇଛନ୍ତି।

# ସ୍ୱର୍ଗତଃ କିରଣବାଳାଙ୍କ ସ୍ମୃତିରେ ବୈଶାଖୀ ଜଳଛତ୍ର ଉଦ୍‌ଘାଟିତ




ଭଦ୍ରକ, ୨୩/୪ (ନି.ପ୍ର): ସାଧାରଣତଃ ବୈଶାଖ ମାସରେ ସରକାରୀ ଓ ବେସରକାରୀ ଭାବେ ସହର ଓ ଗ୍ରାମାଂଚଳର ବିଭିନ୍ନ ଛକ ଓ ଯାତାୟତ ରାସ୍ତା ପାର୍ଶ୍ୱରେ ତୃଷିତମାନଙ୍କ ଶୋଷ ମେଂଟାଇବା ପାଇଁ ଜଳଛତ୍ରମାନ ଖୋଲାଯାଇଥାଏ। ଗତବର୍ଷ ଭଳି ଚଳିତବର୍ଷ ଭଦ୍ରକ ସହରର ବାଇପାସ୍‌ସ୍ଥିତ ଆରସି ବେହେରା ମେନସନ୍‌ରେ ୪ କିରଣବାଳା ବେହେରା ସ୍ମୃତି ସଂସଦ ପକ୍ଷରୁ ଏକ ବୈଶାଖୀ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ରରେ ଯାତାୟତ କରୁଥିବା ଲୋକମାନଙ୍କୁ ଥଣ୍ଡା ପାନୀୟ ସହ ଘୋଳ ଦହି ସରବତ ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କେବଳ ଭଦ୍ରକ ନୁହେଁ, ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ଭାବେ ପ୍ରସିଦ୍ଧ ଲାଭ କରିଥିବା ସମାଜସେବୀ ରାମଚନ୍ଦ୍ର ବେହେରାଙ୍କ ପତ୍ନୀ କିରଣବାଳାଙ୍କର ଅଚାନକ ଯୁବାବସ୍ଥାରେ ଦେହାନ୍ତ ହୋଇଥିଲା। ତାଙ୍କରି ସ୍ମୃତିରେ ଏହି ଜଳଛତ୍ର ଖୋଲାଯାଇ ତୃଷିତମାନଙ୍କୁ ଦହି ସରବତ ସହ ଥଣ୍ଡା ପାନୀୟ ଯୋଗାଇ ଦିଆଯାଉଛି। ଯାହାକୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

## ପହେଲଗାମର ଆତଙ୍କୀ ଆକ୍ରମଣକୁ ଯେତେ ନିନ୍ଦା କଲେ କମ୍ ହେବ: ସିପିଏମ୍

ଜଳେଶ୍ୱର, ୨୩/୪ (ନି.ପ୍ର): ଜାମ୍ମୁକାଶ୍ମୀର ପହେଲଗାମରେ ଆଖିବୁଜା ଗୁଳି ଚଳେଇ ୨୮ଜଣ ନିରୀହ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଯେଭଳି ନୃଶଂସ ଭାବରେ ହତ୍ୟା କରିଛନ୍ତି ତାହାକୁ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ତୀବ୍ର ନିନ୍ଦା କରାଯିବା ସହିତ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଯେଉଁମାନେ ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଆହତ ହୋଇଛନ୍ତି ସେମାନଙ୍କର ତୁରନ୍ତ ଆରୋଗ୍ୟ କାମନା କରାଯିବା ସହିତ ଏହି ଜଘନ୍ୟ ନରସଂହାର ଯେଉଁମାନେ ଭିଆଇଛନ୍ତି ସେମାନଙ୍କୁ ଖୋଜି ବାହାର କରିବା ଏବଂ କଠିନରୁ କଠିନତର ଦଣ୍ଡ ଦେବାପାଇଁ ପାର୍ଟିର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ ମିଶ୍ରଙ୍କ ସମେତ ଦିଲ୍ଲୀପ ଗିରି, ଦିପ୍ତୀମାନ ଆଚାର୍ଯ୍ୟ,ମମି ପଣ୍ଡା, ଦିଲ୍ଲୀପ ପରିଡ଼ା,ପଲ୍ଟୁ ଦାସ,ରବିନ୍ଦ୍ର ବାରିକ, ରାଜୀବ ପଣ୍ଡା ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି ।ଆତଙ୍କବାଦୀର ଶିକାର ହୋଇଥିବା ବାଲେଶ୍ୱର ଜିଲ୍ଲାର ପ୍ରଶାନ୍ତ ଶତପଥୀଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ସହଧର୍ମିଣୀ ଏବଂ ଶିଶୁ ପୁତ୍ରକୁ ନିଜ ଘରକୁ ଫେରାଇ ଆଣିବାର ସମସ୍ତ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପାର୍ଟି ଦାବୀ କରିଛି ।ଏହି ଘଟଣାରେ ଯେଉଁ ଶକ୍ତି ସମ୍ପୃକ୍ତ ତାହା ବାହ୍ୟ ଶକ୍ତି ହେଉ ଅଥବା କୌଣସି ଆତଙ୍କବାଦୀ ସଂଗଠନ ହେଉ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କେନ୍ଦ୍ର ସରକାର ଯଥପରନାସ୍ତି ଉଦ୍ୟମ କରିବା ଉଚିତ। ଏଭଳି ଏକ ସମ୍ବେଦନଶୀଳ ସମୟରେ ସର୍ବତ୍ର ଶାନ୍ତି ବଜାୟ ରଖିବାକୁ ପାର୍ଟି ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ବାଲେଶ୍ୱର ବିଜେପି ପକ୍ଷରୁ ସମ୍ମାନ ଅଭିଯାନ ଅନୁଷ୍ଠିତ




ବାଲେଶ୍ୱର, ୨୩/୪ (ନି.ପ୍ର): ବୁଧବାର ଅପରାହ୍ନ ୪ ଘଟିକା ସମୟରେ ବାଲେଶ୍ୱର ବିଜେପି ତରଫରୁ ରେମୁଣା ବିଜେପି କାର୍ଯ୍ୟାଳୟରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଏକ ସମ୍ମାନ ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ସନ୍ତୋଷ କୁମାର ସେଠୀ (ଶାସ୍ତ୍ରୀ)ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସାରସକଣା ତଥା ରାଜ୍ୟ ସଂଯୋଜକ ଡକ୍ଟର ବୋଧାନ ମୁର୍ମୁ, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଶୋଭଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସମ୍ପାଦକ ବିଜୟ କୁମାର ସାହୁ, ରାଜ୍ୟ ମୁଖପାତ୍ର ବିଭୂପଦ ଦାସ, ଜିଲ୍ଲା ପୂର୍ବତନ ସଭାପତି ଲମ୍ବୋଦର ନାୟକ, ଜିଲ୍ଲା ଜନଜାତି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ପୂର୍ବତନ କୋଷାଧ୍ୟକ୍ଷ ଭଗବାନ ଗୋପ୍ତା, ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ୧୫ ରୁ ୨୫ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ ଅବସରରେ ବସ୍ତି ଚାଲ ଅଭିଯାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉପସ୍ଥିତ ଅତିଥିମାନେ ନିଜ ନିଜ ଅଭିଭାଷଣରେ ବାବା ସାହେବଙ୍କ ଜୀବନୀ ସମ୍ବନ୍ଧରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ରେମୁଣାର ସମସ୍ତ ବରିଷ୍ଠ କନିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନୀଳଗିରି ଏନ୍‌ଏସି କାର୍ଯ୍ୟାଳୟରୁ ୩୦ହଜାର ଟଙ୍କାର କେବୁଲ୍ ତାର ଚୋରି




ନୀଳଗିରି , ୨୩/୪ (ନି.ପ୍ର): ନୀଳଗିରି ଏନ୍‌ଏସି କାର୍ଯ୍ୟାଳୟ ପରିସରରୁ ଗତ ୨୧ତାରିଖ ରାତିରେ ୩୦ହଜାର ଟଙ୍କାର ଷ୍ଟ୍ରୀଟ ଲାଇଟ୍ କେବୁଲ ତାର ଚୋରି ହୋଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଥିବାର ଜଣାପଡିଛି। ପ୍ରାପ୍ତସୂଚନା ଅନୁସାରେ ସୁରାୟା ରଶ୍ମିଠିକାଦାର ପକ୍ଷରୁ ନିଳଗିରି ଏନ୍ ଏ ସି ରେ ବିଭିନ୍ନ ୱାର୍ଡରେ ଷ୍ଟ୍ରିଟଲାଇଟ୍ ପାଇଁ କାମ କରୁଥିବା ବେଳେ କେବୁଲ୍ ତାର କାର୍ଯ୍ୟାଳୟ ପରିସରରେ ରଖି କାର୍ଯ୍ୟ କରୁଥିଲେ। ପରଦିନ ସକାଳେ କମ୍ପାନୀ କର୍ମଚାରୀ କେବୁଲ୍ ରିଙ୍ଗ ନଥିବାର ଦେଖିବାକୁ ପାଇଥିଲେ। ଅଫିସ ପଛ ପଟ ପାଚେରୀ କଡ଼ରେ ଫାଙ୍କା ରିଂଟି ପଡ଼ିଥିବା ବେଳେ ସେଥିରେ ତାର ନଥିବା ଦେଖିବାକୁ ମିଳିଥିଲା। ରାତ୍ରିରେ ଜଗୁଆଳି ରହିଥିବା ବେଳେ ଚୋର କିପରି କେବୁଲ ତାର ଚୋରି କଲେ ତାହା ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ଏନେଇ ଠିକାଦାର ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି।

# ଏ.ବି.ସି. ମେମୋରିଆଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ହାତୀଗଡ଼ ଦଳ ବିଜୟୀ



ବାଲିଆପାଳ, ୨୩/୪ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ମଝିପଡା ପଦା ଖେଳପଡିଆ ଠାରେ ଏ.ବି.ସି. ମେମୋରିଆଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ମଙ୍ଗଳବାର ଫାଇନାଲରେ ବଳରାମପୁର ଦଳକୁ ହରାଇ ହାତୀଗଡ଼ ଦଳ ବିଜୟୀ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରି ବିଜେତା ଦଳକୁ ପୁରସ୍କୃତ କରିବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥ ମାଣିକ, ସପନ ଦାସ, ବାଲିକୁଦ ଆଦିବାସୀ ସାହି ମୁଖ୍ୟ ଭୀମ ହେମ୍ବ୍ରମ,ଯୁବ ନେତା ଶ୍ରୀକାନ୍ତ ନାଥ , ଗୌରାଙ୍ଗ ଦାସ ,ପପୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଦିବାସୀ ଭାଇ ଭାଉଣୀ ମାନେ ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କୁ ମାଦଳର ତାଳେ ତାଳେ ନୃତ୍ୟ କରି ଖେଳ ପଡିଆ ନିକଟକୁ ପାଛୋଟି ଆଣି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଧାୟିକା ଶ୍ରୀମତୀ ଜେନା କିଛି ସମୟ ଆଦିବାସୀ ଭାଇ ଭଉଣୀଙ୍କ ସହ ବିତାଇ ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିଥିଲେ । ଏ.ବି.ସି. କ୍ଲବ୍ ର ସଦସ୍ୟ ମାନେ ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ବିଦ୍ୟାଳୟରେ ନାମ ଲେଖାଇଲେ 'ରାତୁ'

ଉଦଳା , ୨୩/୪ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ମୟୂରହୁଡ଼ା ଗ୍ରାମର ବାସିନ୍ଦା ରାୟାଁ ମାର୍ଣ୍ଡିଙ୍କର ଆଠ ବର୍ଷ ବୟସର ପୁତ୍ର 'ରାତୁ' ଅଙ୍ଗନୱାଡ଼ି ପାଠ ସାରିବା ପରେ ବିଦ୍ୟାଳୟରେ ନାମ ଲେଖାଇପାରିନଥିଲେ । ତାଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ବିଦ୍ୟାଳୟର କର୍ତୃପକ୍ଷ ନାମ ନ ଲେଖାଇ ଫେରାଇ ଦେଇଥିବାର କଥା ରାୟାଁ ଗଣମାଧ୍ୟମକୁ ଜଣାଇଥିଲେ । ଏ ବାବଦରେ ଗତ ମାର୍ଚ୍ଚ ମାସରେ ଖବର କାଗଜରେ ସମ୍ବାଦ ପରିବେଷିତ ହୋଇଥିଲା । ଏହାପରେ କପ୍ତିପଦାସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ଆଜି ଏପ୍ରିଲ ୨୩ ତାରିଖ ବୁଧବାର ଦିନ 'ରାତୁ' ଗ୍ରାମ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିବାର ଜଣାଯାଇଛି । କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ ମିଶ୍ରଙ୍କର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସରେ ଓଡ଼ିଶା ମହିଳା ଆଇନଜୀବୀ ସଙ୍ଘ ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ବାରିପଦା, ୨୩/୪ (ନି.ପ୍ର): ବରପୁତ୍ରଙ୍କ ପାଇଁ ଦିନଟିଏ । ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମ ରେ ଓଡ଼ିଶା ମହିଳା ଆଇନଜୀବୀ ସଙ୍ଘ ଓ ବାରିପଦାର ସମସ୍ତ ମହିଳା ଆଇନଜୀବୀଙ୍କ ମିଳିତ ଆନୁକୂଲ୍ୟରେ ସଂଘର କେନ୍ଦ୍ରୀୟ ଉପ ସଭାପତି ବରିଷ୍ଠ ଆଇନ ଜୀବି ସୁଜାତା ମିଶ୍ର ଙ୍କ ନେତୃତ୍ୱ ରେ ଏପ୍ରିଲ୍ ୨୧ରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଛି । ବାରିପଦା କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସଫେଇ କରିବା ସହିତ ଷ୍ଟାଡିଅମ ଗୋଲେଇ ନିକଟସ୍ଥ ମଧୁସୂଦନଙ୍କ ପ୍ରତିମୂର୍ତ୍ତିକୁ ଧୋଇ ଭଲ ଭାବେ ସଫେଇ କରି ପୁଷ୍ପ ମାଲ୍ୟାର୍ପଣ ସହ ବର ପୁତ୍ର ମାନଙ୍କ କୃତୀ ଓ କୀର୍ତ୍ତି କୁ ସ୍ମୃତି ଚାରଣ କରା ଯାଇଛି । ଏହି କାର୍ଯ୍ୟକ୍ରମ ରେ ଜୋନାଲ ଉପ ସଭାପତି ଚିନ୍ମୟୀ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ମଧୁସ୍ମିତା ନାୟକଙ୍କ ସମେତ ଆଇନ ଜୀବି କାବେରୀ ମିଶ୍ର, ପାର୍ବତୀ ବାରିକ୍, ଲିପିକା ପୁହାଣ, ପ୍ରଣତି ମୁର୍ମୁ, ସୋନାଲ ମିଶ୍ର,ସ୍ୱରଲିପି ଦାସ୍ ପଟ୍ଟନାୟକ, ସସ୍ମିତା ଘୋଷାଲ୍, ମୌସୁମୀ ମଲ୍ଲିକ , ବୈଜୟନ୍ତୀ ବାସ୍କେ, ଶ୍ରଦ୍ଧାଞ୍ଜଳୀ ପଣ୍ଡା, ଭାସ୍ୱତୀ ପଣ୍ଡା, ଯଶଶ୍ରୀ ଅଧିକାରୀ, ମଧୁସ୍ମିତା ଆଞ୍ଚଲ ପରିଡା ଏବଂ ଲିପି ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱ ପ୍ରତି ମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସର ଆବାହକ ସଞ୍ଜୟ କୁମାର ଚୌଧୁରୀ ଙ୍କ ଆହ୍ୱାନ କ୍ରମେ ଏହି ବିଶ୍ୱ ପ୍ରତିମୂର୍ତ୍ତି ଦିବସ ସବୁ ସ୍ଥାନରେ ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଆଇନ ଜୀବିମାନେ ମହାରାଜା ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ ଦେଓ ଙ୍କ ପ୍ରତିମୂର୍ତ୍ତି ସ୍ଥଳ ରେ ଆୟୋଜିତ ଉନ୍ମୋଚନୀ ଉତ୍ସବରେ ମଧ ଅଂଶ ଗ୍ରହଣ କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ଅନ୍ୟ ମାନଙ୍କୁ ବୁଝାଇ ଥିଲେ ।

# ରାସ୍ତା ମରାମତି ସହିତ ଲକ୍ଷ୍ମୀବସ୍ ଚଳାଚଳ ପାଇଁ ଦାବି



ଉଦଳା , ୨୩/୪ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ବଡ଼ସିଙ୍ଗାରିଆ ଛକ ଠାରୁ ଖନ୍ତାପଡ଼ା, ଭାୟା-ଶିଆଳିଆ, ପାଗଡ଼ାଦର, ସାନସିଙ୍ଗାରିଆ ଓ ଉଲଦା ଗ୍ରାମ ମୋଟ ୮ କିମି ରାସ୍ତାର ଅବସ୍ଥା ଆଦୌ ଭଲ ନାହିଁ । ବିଶେଷ କରି ବର୍ଷା ଦିନରେ ଲୋକଙ୍କୁ ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ । ଉକ୍ତ ୮ କିମି ରାସ୍ତା ଉପରେ ମୋଟ ୭ଗୋଟି ଗ୍ରାମର ପ୍ରାୟ ଦଶ ହଜାର ଲୋକ ନିର୍ଭରଶିଳ ଅଟନ୍ତି । ଏହି ୮ କିମି ରାସ୍ତାର ତୁରନ୍ତ ମରାମତି ସହ ଲକ୍ଷ୍ମୀବସ ଚଳାଚଳ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି । ଏହିସବୁ ଗ୍ରାମଦେଇ ଲକ୍ଷ୍ମୀବସ ଚଳାଚଳ କଲେ ଶ୍ରୀଦାମ ଚନ୍ଦ୍ରପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ ମହାବିଦ୍ୟାଳୟ ଓ ଉଦଳା ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବା ସୁବିଧାଜନକ ହେବ ବୋଲି ଗ୍ରାମବାସି ଜଣାଇଛନ୍ତି । ଗ୍ରାମାଚଂଳରେ ଗଢ଼ିଉଠିଥିବା ଛୋଟ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଏଥିଯୋଗୁଁ ଲାଭବାନ ହେବ ବୋଲି ଗ୍ରାମବାସି କହିଛନ୍ତି । ଗ୍ରାମବାସିଙ୍କର ଏପରି ଏକ ଦାବିକୁ ସ୍ୱେଚ୍ଛାସେବି ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ସମର୍ଥନ ଜଣାଇଛନ୍ତି ।

# ପଞ୍ଚମୁଖୀ ହନୁମାନଙ୍କ ତୃତୀୟ ବାର୍ଷିକ ଉତ୍ସବ

ବାସୁଦେବପୁର, ୨୩/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜୀବନପୁର ଶ୍ରୀବତ୍ସପୁର ଠାରେ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ମହାବୀରଙ୍କର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଯଜ୍ଞ କାର୍ଯ୍ୟ, ପୂଜା ପାଠ, ନୀତି କାନ୍ତି ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳା ର ସହିତ ହୋଇ ଥିଲା। ଭକ୍ତ ମାନେ ଭଜନ କୀର୍ତ୍ତନ ଓ ନାମ ଯଜ୍ଞ ରେ ସାମିଲ ହୋଇ ଥିଲେ। ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ଅନୁଷ୍ଠାନର ସଭାପତି ସମ୍ବିତ କୁମାର ପଳିତା, ଉପ ସଭାପତି ବାସୁଦେବ ନାୟକ, ସମ୍ପାଦକ ଦୀପକ ନାୟକ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ସଦସ୍ୟ ବିଜୟ ବଳ, ଦେବେନ୍ଦ୍ର ନାୟକ, ସ୍ୱାଗତ ପଳିତା, ସୁଶାନ୍ତ ନାୟକ, ସହଦେବ ନାୟକ, ମାଧବ ବଳ, ଅଜିତ୍ ନାୟକ, ବଟକୃଷ୍ଣ ମହାନ୍ତି, ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟ ରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇ ଥିଲେ।

# ୨୦୨୪/୨୫ ଆର୍ଥିକବର୍ଷର ମନରେଗା ଓ ପଞ୍ଚଦଶ ଅର୍ଥଆୟୋଗ ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ

ନୀଳଗିରି, ୨୩/୪ (ନି.ପ୍ର): ବୁଧବାର ସ୍ଥାନୀୟ ବ୍ଲକ୍ ସମ୍ମିଳନୀ କକ୍ଷରେ ମନରେଗା ଓ ପଞ୍ଚଦଶ ଅର୍ଥଆୟୋଗ ୨୦୨୪/୨୫ର ଦ୍ୱିତୀୟ ପର୍ଯ୍ୟାୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଧାୟକଙ୍କ ପ୍ରତିନିଧି କୃତିବାସ ବେହେରା, ବିଡ଼ିଓ ବିକ୍ରମକେଶରୀ ପରିଡା, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ସହକାରୀ ନିର୍ବାହୀଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ , ବିଭିନ୍ନ ବିଭାଗୀୟ ପଦାଧିକାରୀ, ବ୍ଲକର ୨୫ଗୋଟି ପଞ୍ଚାୟତର ସରପଞ୍ଚ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ , ସିଆରପି , ଭିଆରପି ଏବଂ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବ୍ଲକର ବି.ଏସ.ଏ ସତ୍ୟବ୍ରତ ମହାପାତ୍ର ସାମାଜିକ ସମୀକ୍ଷାର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖିଥିଲେ। ପରେ ସମସ୍ତ ଗ୍ରାମପଞ୍ଚାୟତର ଭିଆରପି, ସିଆରପି, ଜିଆରଏସ, ଜିପିଇଓ ମାନଙ୍କୁ ନିଜନିଜ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଉକ୍ତ ବୈଠକରେ ଉପଜିଲ୍ଲାପାଳ ଶ୍ରୀମତୀ ରଥ ଗ୍ରା.ପ ରେ କର୍ଯ୍ୟକରୁଥିବା ସମସ୍ତ କର୍ମକର୍ତ୍ତାଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ କାର୍ଯ୍ୟକରି ସରକାରଙ୍କ ଯୋଜନାକୁ ସଫଳ କରିବାପାଇଁ ପରାମର୍ଶ ଦେଇଥିଲେ। ବିଡ଼ିଓ ଶ୍ରୀଯୁକ୍ତ ପରିଡା ସରକାରଙ୍କ ଯୋଜନାରେ ଗୋଷ୍ଠିଗତ ଓ ବ୍ୟକ୍ତିଗତ ଉନ୍ନୟନ ପାଇଁ ସରଳୀକରଣ ଦିଗ ଉପରେ ଦୃଷ୍ଟିଦେଇ କର୍ଯ୍ୟକରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରବର୍ତ୍ତାଇ ଥିଲେ।ଏଠାରେ ସୂଚନା ଥାଉକି ସରକାରଙ୍କ ବିଭିନ୍ନ ଯୋଜନାକୁ ସାଧାରଣଲୋକଙ୍କ ପାଖରେ ପହଞ୍ଚାଇବାର ଗୁରୁଦାୟିତ୍ୱ ଗଣମାଧ୍ୟମ ପାଖରେ ରହିଥାଏ। ମାତ୍ର ଆଜିର ଏହି ସମୀକ୍ଷା ବୈଠକରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବୈଠକକୁ ଡକା ନଯିବା ଫଳରେ ଏହି ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ପ୍ରଶାସନିକ ଅଧିକାରୀଙ୍କ ଏତାଦୃଶ ମନୋଭାବ ପାଇଁ ଆଗାମୀ ଦିନରେ ଯୋଜନାର ପ୍ରଚାରପ୍ରସାରକୁ ନେଇ ସନ୍ଦେହ ଉପୁଜିବା ସହିତ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida